ସ୍ୱାଧୀନତା ଦିବସ ଅଭିନନ୍ଦନ

# ଦିନଲିପି
THE DINALIPI

Web: www.dinalipi.com, E-mail: dinalipinews@gmail.com

● Vol.- 46, No. 136 Bhubaneswar, Saturday, 15 August 2026 ● R.N.I. Regd. No. 34063/81 ● Postal Regd. No. BN/79/18-20, ● ୪୬ ବର୍ଷ, ସଂଖ୍ୟା-୧୩୬ ଭୁବନେଶ୍ୱର, ଶନିବାର ୧୫ ଅଗଷ୍ଟ ୨୦୨୬ ● ମୂଲ୍ୟ: ୩.୦୦ ● ପୃଷ୍ଠା-୮

# ବନ୍ୟା: ୬ ଜିଲ୍ଲା, ୫୨ ବ୍ଲକ ପ୍ରଭାବିତ

## ପ୍ରଭାବିତ ଅଞ୍ଚଳରେ ୩୯ ଓଡ୍ରାଫ , ୭ ଏନଡିଆରଏଫ ଦଳ ମୁତୟନ

ଭୁବନେଶ୍ୱର,୧୪।୮: ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୬ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ୫୨ ବ୍ଲକ, ୧୭୦ଟି ଗ୍ରାମ ପଞ୍ଚାୟତ ଏବଂ ୪୨୯ଟି ଗ୍ରାମକୁ ପ୍ରଭାବିତ ହୋଇଛି। ମୋଟ ୨,୦୯,୬୮୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ନଦୀର ଜଳସ୍ତର ବୃଦ୍ଧି, ଜଳପ୍ଲାବନ, ବନ୍ଧ ଭାଙ୍ଗିବା ଏବଂ ରାସ୍ତା ସଂଯୋଗ ବିଚ୍ଛିନ୍ନ ହେବା ଯୋଗୁଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ସୁନ୍ଦରଗଡ଼ରେ ପରିସ୍ଥିତି ତୁଳନାତ୍ମକ ଭାବରେ ଗମ୍ଭୀର ରହିଛି। ରିପୋର୍ଟ ଅନୁଯାୟୀ, ନିମ୍ନ ଅଞ୍ଚଳ ଏବଂ ଜଳବନ୍ଦୀ ଅଞ୍ଚଳରୁ ୪୧,୮୮୧ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୧୨୭ଟି ରିଲିଫ୍ ଆଶ୍ରୟସ୍ଥଳରେ ରଖାଯାଇଛି। ବର୍ତ୍ତମାନ ୩୮,୧୬୧ ଜଣ ବ୍ୟକ୍ତି ଏହି ଆଶ୍ରୟସ୍ଥଳରେ ରହୁଛନ୍ତି। ପ୍ରଭାବିତ ପରିବାର ପାଇଁ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ, ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୧୨୭ଟି ମାଗଣା ରୋଷେଇ ଘର କାର୍ଯ୍ୟକ୍ଷମ ଅଛି।ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବନ୍ୟା ଜଳ ଯୋଗୁଁ ୩୩ଟି ଗାଁ ଜଳବନ୍ଦୀ ହୋଇଯାଇଛି। ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ, ୪୨୫ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ୧,୬୨୩ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଛି। ଛଅ ପଶୁ ମୃତାହତ ହୋଇଥିବା ରିପୋର୍ଟ କରାଯାଇଛି। ଏପର୍ଯ୍ୟନ୍ତ କୌଣସି



ମାନବିକ କ୍ଷତିର ରିପୋର୍ଟ ହୋଇନାହିଁ। କେନ୍ଦୁଝର ଜିଲ୍ଲାର ଆନନ୍ଦପୁରରେ ବୈତରଣୀ ନଦୀର ବାମ କୂଳରେ ଗୋଟିଏ ବନ୍ଧ ଭାଙ୍ଗିବା ରିପୋର୍ଟ ହୋଇଛି। ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ, ପ୍ରଭାବିତ ଅଞ୍ଚଳରେ ୩୯ଟି ଓଡ୍ରାଫ ଦଳ, ୭ଟି ଏନଡିଆରଏଫ ଦଳ ଏବଂ ୩୩ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି। ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି।ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ର ସହିତ ସମନ୍ୱୟ ରଖି ରାଜ୍ୟ ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ର ୨୪ ଘଣ୍ଟା ପରିସ୍ଥିତି ଉପରେ ନଜର ରଖିଛି। ପୂର୍ବ ରିପୋର୍ଟ ପରଠାରୁ ସମଷ୍ଟିଗତ ବନ୍ୟା ପରିସ୍ଥିତିରେ ଉନ୍ନତି ହେବା ସହିତ ଉନ୍ନତି ହେଉଛି ବୋଲି ବର୍ଗୀକୃତ କରାଯାଇଛି। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ସମସ୍ତ ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି।

# ବିନୟତୋଷ ଅନ୍ତରୀଣ ଡିଜିପି



ଭୁବନେଶ୍ୱର,୧୪।୮: ବରିଷ୍ଠ ପୁଲିସ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ନୂଆ ନିଯୁକ୍ତି ମିଳିଛି। ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଶ୍ରୀ ମିଶ୍ରଙ୍କୁ ଅନ୍ତରୀଣ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ହେବେ। ଶ୍ରୀ ମିଶ୍ର ଏବେ କ୍ରାଇମବ୍ରାଞ୍ଚ ଡିଜି ଅଛନ୍ତି। ସୂଚନାଯୋଗ୍ୟ, ବିନୟତୋଷ ମିଶ୍ର ହେଉଛନ୍ତି ଜଣେ ଦକ୍ଷ ପୁଲିସ ଅଧିକାରୀ। ସେ ରାଜ୍ୟଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦବିରେ ଅବସ୍ଥାପିତ ହୋଇ ନିଜର ଦକ୍ଷତା ଦେଖାଇଛନ୍ତି। ନିଯୁକ୍ତି ଘୋଷଣା ପରେ ଶ୍ରୀ ମିଶ୍ର କହିଛନ୍ତି ଯେ ରାଜ୍ୟରେ ଅପରାଧ ନିୟନ୍ତ୍ରଣ ମୋ' ପାଇଁ ବଡ଼ ଚ୍ୟାଲେଞ୍ଜ। ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୬ ତାରିଖରେ ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆ ଅବସର ଗ୍ରହଣ କରିବାକୁ ଯାଉଛନ୍ତି।

### ସ୍ୱାଧୀନତା ଦିବସ: ରାଷ୍ଟ୍ରପତିଙ୍କ ଅଭିଭାଷଣ

# ଯୁବବର୍ଗ ବଡ଼ ସମ୍ପତ୍ତି



ନୂଆଦିଲ୍ଲୀ,୧୪।୮: ପ୍ରତିବର୍ଷ ପରି ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୮୦ ତମ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ନିଜ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମର ମହାନ ଯୋଦ୍ଧାମାନଙ୍କୁ ସ୍ମରଣ କରିବା ସହ ଦେଶର ବିକାଶ ଯାତ୍ରା ଏବଂ ଭବିଷ୍ୟତର ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, ତ୍ରିରଙ୍ଗା ଆମର ସ୍ୱାଧୀନତାର ପ୍ରତୀକ। ଆମେ ଏହାକୁ ଗର୍ବର ସହିତ ଉଡ଼ାଇଥାଉ। ସ୍ୱାଧୀନତାର ପ୍ରକୃତ ଅର୍ଥ, ଏହା ସୁନିଶ୍ଚିତ କରାଯିବା ଉଚିତ ଯେ, ସମସ୍ତ ନାଗରିକ ନିଜର ଆଶା ପୂରା କରିବା ଲାଗି ସୁଯୋଗରୁ ଲାଭ ଉଠାନ୍ତୁ। ଭାରତକୁ ବିଶ୍ୱର ଆଗରେ ରଖିବା ଲକ୍ଷ୍ୟରେ କାମ କରିବା। ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ପରାଧୀନତାରୁ ମୁକ୍ତି ପାଇଥିଲା। ସମସ୍ତ ଦେଶବାସୀ ସ୍ୱାଧୀନ ଭାରତର ନିର୍ମାତା ହୋଇଥିଲେ। ନିଷ୍ଠାବାନ ବିଦ୍ୟାର୍ଥୀ ଏବଂ ଶିକ୍ଷକ, ବିକାଶ ପାଇଁ ତତ୍ପର ବୈଜ୍ଞାନିକ ଏବଂ ଇଂଜିନିୟର, ସ୍ୱାସ୍ଥ୍ୟ ସେବାରେ କାର୍ଯ୍ୟରତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ, ପରିଶ୍ରମି ଶ୍ରମିକ ଏବଂ ଅନ୍ନଦାତା ଚାଷୀ, ନିଜର ଉଦ୍ୟମରେ ରାଷ୍ଟ୍ର ନିର୍ମାଣ କରୁଥିବା ଅନ୍ୟ ବର୍ଗର ସକ୍ରିୟ, ଅସଂଖ୍ୟ ଦେଶବାସୀ ତଥା ସମ୍ବିଧାନରେ ନିହିତ, ମୂଳ କର୍ତ୍ତବ୍ୟର ପାଳନ କରୁଥିବା ନାଗରିକ, ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାର ଅଟନ୍ତି। ମୁଁ ସମସ୍ତଙ୍କୁ ହୃଦୟରୁ ପ୍ରଶଂସା କରୁଛି। ବିକାଶର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚୁ। ରାଷ୍ଟ୍ର ପାଇଁ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାମ କରନ୍ତୁ। ରାଷ୍ଟ୍ର ପ୍ରତି ସମସ୍ତେ ସଜାଗ ରୁହନ୍ତୁ। ଦେଶରେ ଯୁବବର୍ଗ ବଡ଼ ସମ୍ପତ୍ତି । ରାଷ୍ଟ୍ରପତି ନିଜର ସମ୍ବୋଧନରେ ଆହୁରି କହିଛନ୍ତି ଯେ ଆମର ସମୃଦ୍ଧ ଐତିହ୍ୟ ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ଆପଣାଇ ଆମେ ଆଧୁନିକ ବିକାଶର ପଥରେ ଅଗ୍ରସର ହେଉଛୁ। 'ବୟମ୍ ରାଷ୍ଟ୍ରେ ଜାଗୃୟାମ୍' ଉକ୍ତି ଆମକୁ ଦେଶ ପାଇଁ ସର୍ବଦା ସତର୍କ ରହିବାକୁ ଅନୁପ୍ରାଣିତ କରେ।

# ଭତ୍ତା: ଅପେକ୍ଷାରେ ପଡ଼ିବ ପୂର୍ଣ୍ଣଚ୍ଛେଦ



ଭୁବନେଶ୍ୱର,୧୪।୮: ମଧୁବାବୁ ପେନସନ୍ ଯୋଜନାରେ ପଡ଼ି ରହିଥିବା ଆବେଦନ ଗୁଡ଼ିକର ଯାଞ୍ଚ ପାଇଁ ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗୀୟ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆବେଦନଗୁଡ଼ିକର ତୁରନ୍ତ ଯାଞ୍ଚ କରିବାକୁ କହିଛନ୍ତି। ସୂଚନା ଅନୁଯାୟୀ, ମଧୁବାବୁ ପେନ୍‌ସନ୍ ଯୋଜନାରେ ଏଯାବତ୍ ୬୩ ହଜାର ୮୪୮ଟି ଆବେଦନ ପଡ଼ି ରହିଛି। ଏହି ଆବେଦନଗୁଡ଼ିକୁ ମିଶନ ମୋଡ୍‌ରେ ଯାଞ୍ଚ କରି ଶୀଘ୍ର ପଦକ୍ଷେପ ନେବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୮ ତାରିଖ ସୁଦ୍ଧା ସମସ୍ତ ପଡ଼ି ରହିଥିବା ଆବେଦନର ଯାଞ୍ଚ ଶେଷ କରିବାକୁ ଚିଠିରେ ସ୍ପଷ୍ଟ କରାଯାଇଛି। ଯୋଗ୍ୟ ହିତାଧିକାରୀମାନେ ଯେପରି ପେନ୍‌ସନ୍ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ବିଭାଗ ଗୁରୁତ୍ୱ ଦେଇଛି।

## ଶୁଭେଚ୍ଛା

ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ 'ଦିନଲିପି' ପକ୍ଷରୁ ସମସ୍ତଙ୍କୁ ଅଭିନନ୍ଦନ ତଥା ଶୁଭେଚ୍ଛା।

-ସଂପାଦକ

## 'ଦିନଲିପି'ର ଛୁଟି

୮୦ ତମ ସ୍ୱାଧୀନତା ଦିବସ (୧୫, ଅଗଷ୍ଟ, ୨୦୨୬)ରେ 'ଦିନଲିପି'ର ପ୍ରେସ୍ ଓ କାର୍ଯ୍ୟାଳୟ ବନ୍ଦ ରହିବ। 'ଦିନଲିପି'ର ପରବର୍ତ୍ତୀ ସଂସ୍କରଣ ୧୬, ଅଗଷ୍ଟ ସନ୍ଧ୍ୟାରେ ପ୍ରକାଶ ପାଇବ।

- ପରିଚାଳକ

## ପୁଣି ଓଡ଼ିଶାକୁ ଫେରିଲା କୋଭିଡ୍

ଭୁବନେଶ୍ୱର,୧୪।୮: ପୁଣି ଓଡିଶାକୁ ଫେରିଛି କୋଭିଡ। ରାଜଧାନୀ ଭୁବନେଶ୍ୱରରେ ପୁଣି ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ବରମୁଣ୍ଡା ଅଞ୍ଚଳର ଜଣେ ୫୦ ବର୍ଷୀୟ ବ୍ୟକ୍ତି କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ନେଇ ଜଣାପଡିଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଆକ୍ରାନ୍ତଙ୍କ କେଉଁଠାରୁ ସଂକ୍ରମିତ ହୋଇଛନ୍ତି ସେନେଇ ସୂଚନା ମିଳିନାହିଁ।








**ଭା**ରତର ସ୍ୱାଧୀନତା ଦିବସ ଏକ ଭାରତୀୟ ଜାତୀୟ ଦିବସ ଅଟେ । ୧୯୪୭ ମସିହାରେ ଭାରତ ଫିରିଙ୍ଗି ଶାସନରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଗଣରାଜ୍ୟରେ ପରିଣତ ହୋଇଥିଲା । ତେଣୁ ଏହି ଦିନକୁ ମନେପକାଇବା ପାଇଁ ପ୍ରତିବର୍ଷ ପନ୍ଦର ଅଗଷ୍ଟକୁ ଭାରତର ସ୍ୱାଧୀନତା ଦିବସ ଭାବରେ ପାଳନ କରାଯାଇଥାଏ । ଏହା ଭାରତର ଏକ ପ୍ରଧାନ ଜାତୀୟ ଦିବସ । ଦେଶ ସାରା, ଏହି ଦିନ ପତାକା ଉତ୍ତୋଳନ କରଯାଇଥାଏ ଓ ଉତ୍ସବମାନ ଅୟୋଜନ କରାଯାଇଥାଏ । ରାଜଧାନୀ ଦିଲ୍ଲୀରେ ଏହି ଦିନ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ନିମନ୍ତେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ଦେଇଥାନ୍ତି ଯାହା ଦେଶସାରା ଟି.ଭି.ରେ ଦେଖାଯାଇଥାଏ । ଏହି ଅଭିଭାଷଣରେ ସେ ଦେଶର ପ୍ରଗତି, ଅସୁବିଧା ଓ ତାହାର ସମାଧାନ ଓ ଆଗକୁ ହେବାକୁ ଥିବା ଉନ୍ନତି ଆଦି ବିଷୟରେ ବଖାଣିଥାନ୍ତି । ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀମାନଙ୍କ ଉପରେ ମଧ୍ୟ ସେ ଅଭିଭାଷଣ ରଖିଥାନ୍ତି । ୧୯୪୬ରେ, ବ୍ରିଟେନର ଶ୍ରମିକ ସରକାର ୨ୟ ବିଶ୍ୱଯୁଦ୍ଧରେ ବ୍ୟସ୍ତ ହୋଇ ପଡ଼ିଥିଲେ ଓ ନିଜ ଦେଶ ଓ ବିଦେଶୀ ସହଯୋଗ ତଥା ଭାରତୀୟ ସେନାର ସହଯୋଗରେ ମାତିଉଠିଥିବା ଭାରତୀୟମାନଙ୍କୁ ଦମନ କରିବାର ଆଶା ହରାଇଥିଲେ । ଏଣୁ ସେମାନେ ଭାରତରେ ଫିରିଙ୍ଗି ଶାସନର ଅନ୍ତ କରିବାକୁ ସିଦ୍ଧାନ୍ତ ନେଲେ ଓ ୧୯୪୭ର ଆରମ୍ଭରେ ୧୯୪୮ ଜୁନ ଆଗରୁ ବ୍ରିଟେନ ଭାରତରୁ ଶାସନ ଫେରାଇଆଣିବାର ସିଦ୍ଧାନ୍ତ ପୋଷଣ କଲା । ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କୁହାଯାଏ । ସେହି ଦେଶ ନାଗରିକମାନଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେଇ ଥାଏ ।

### ଇତିହାସ:

ସପ୍ତଦଶ ଶତାବ୍ଦୀ ସୁଦ୍ଧା ବ୍ରିଟିଶ ବଣିକମାନେ ଭାରତର ବିଭିନ୍ନ ସ୍ଥାନରେ ବାଣିଜ୍ୟକେନ୍ଦ୍ରମାନ ପ୍ରତିଷ୍ଠା କରିସାରିଥିଲେ । ଇଂରେଜ ସରକାର ଅଷ୍ଟାଦଶ ଶତାବ୍ଦୀରେ ନିଜ ବିପୁଳ ସୈନ୍ୟବଳଙ୍କଦ୍ୱାରା ଅନ୍ୟ ସ୍ୱାଧୀନ ଦେଶମାନଙ୍କୁ ଅଧିକୃତ କରିବାକୁ ଚେଷ୍ଟା କଲେ । ୧୮୫୭ ମସିହାରେ ଘଟିଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମ ପରେ ଭାରତୀୟ ସରକାର ଅଧିନିୟମ ୧୮୫୮ ଅନୁସାରେ ବ୍ରିଟିଶ ସରକାର ଭାରତରେ ସାର୍ବଭୌମ ଶାସନ କ୍ଷମତା ଲାଭ କଲେ । ଏହି ସମୟରେ ଭାରତୀୟ ଜାତୀୟ କଂଗ୍ରେସ ପରି ଜାତୀୟତାବାଦୀ ସଂସ୍ଥା ଗଠିତ ହୋଇଥିଲା ଦେଶ ଇତିମଧ୍ୟରେ ମୋନଟାଗୁ-ଚେମସଫୋର୍ଡ଼ ସୁଧାରସବୁ ଦେଖିବା ସହ ରାଓ୍ୱଲଟ ଆଇନର ବର୍ବରତା ମଧ୍ୟ ଅନୁଭବ କରିଥିଲା । ମହାତ୍ମାଗାନ୍ଧୀଙ୍କଦ୍ୱାରା ପ୍ରସ୍ତାବିତ ସତ୍ୟାଗ୍ରହ ଏବଂ ଅସହଯୋଗ ଆନ୍ଦୋଳନ ହେତୁ ଏହି ଅବସ୍ଥାର ଗୁରୁତରତା ନିୟନ୍ତ୍ରିତ ହୋଇଥିଲା ।



ସ୍ୱାଧୀନତା ଦିବସ ଅବସରରେ ସମଗ୍ର ଦେଶରେ ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ, ପରେଡ୍ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୁଏ । ଏହି ଦିନ ଆମକୁ ଏକତା, ଦେଶପ୍ରେମ, ଭାଇଚାରା ଓ ଦେଶର ଉନ୍ନତି ପାଇଁ ନିଜର କର୍ତ୍ତବ୍ୟ ପାଳନ କରିବାର ପ୍ରେରଣା ଦିଏ ।
"ତ୍ୟାଗରେ ମିଳିଛି ସ୍ୱାଧୀନତା, ଏକତାରେ ଗଢ଼ିବା ଶକ୍ତିଶାଳୀ ଭାରତ ।"



## ସ୍ୱାଧୀନତା ପୂର୍ବରୁ ଆୟୋଜିତ ସ୍ୱାଧୀନତା ଦିବସ

ଭାରତୀୟ ଜାତୀୟ କଂଗ୍ରେସର ୧୯୨୯ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନର ଘୋଷଣା ହେବା ସହିତ ଅଗଷ୍ଟ ୧୫କୁ ସ୍ୱାଧୀନତା ଦିବସ ଭାବେ ଘୋଷଣା କରାଗଲା ଦେଶବାସୀଙ୍କୁ ବ୍ରିଟିଶଶାସନରେ ଅସହଯୋଗ ପ୍ରଦର୍ଶନ କରିବା ପାଇଁ ନିବେଦନ କରିବା ସହ ପୂର୍ଣ୍ଣ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ କଂଗ୍ରେସର ପ୍ରତ୍ୟେକ ନିର୍ଦ୍ଦେଶକୁ ମାନିବାକୁ ମଧ୍ୟ କୁହାଯାଇଥିଲା ।୧୯୩୦ରୁ ୧୯୪୬ ମସିହା ପର୍ଯ୍ୟନ୍ତ କଂଗ୍ରେସ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିଥିଲା । ସାଧାରଣସଭା ଆୟୋଜନଦ୍ୱାରା ସେତେବେଳେ ସ୍ୱାଧୀନତା ଦିବସ ପାଳିତ ହେଉଥିଲା, ଯେଉଁଥିରେ ଯୋଗ ଦେଇଥିବା ବ୍ୟକ୍ତିମାନେ ସ୍ୱାଧୀନତାର ପ୍ରତିଜ୍ଞା ନେଉଥିଲେ ।

## ସ୍ୱାଧୀନତାର ମୂଲ୍ୟ

ସ୍ୱାଧୀନତା କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ; ଏହା ଆମକୁ ନିଜ ଦେଶର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ମଧ୍ୟ ଦେଇଛି । ଦେଶର ଏକତା, ଅଖଣ୍ଡତା, ଶାନ୍ତି, ଭାଇଚାରା ଓ ଉନ୍ନତି ପାଇଁ ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ । ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗକୁ ସ୍ମରଣ କରି ଆମେ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଜାତୀୟ ଏକତାକୁ ସମ୍ମାନ କରିବା ଉଚିତ ।
"ସ୍ୱାଧୀନତା ଆମର ଗର୍ବ, ଦେଶର ଉନ୍ନତି ଆମର ଦାୟିତ୍ୱ ।"

## କାହିଁକି ମହାଦେବଙ୍କ ଅତି ପ୍ରିୟ ଶ୍ରାବଣ ମାସ



ଶ୍ରାବଣ ଶିବଙ୍କର ଅତିପ୍ରିୟ ମାସ । ତେବେ ଅନ୍ୟ ୧୧ଟି ମାସ ଥାଉ ଥାଉ ଶ୍ରାବଣ ମାସ କାହିଁକି ଭୋଳାନାଥଙ୍କର ଅତିପ୍ରିୟ ? ଏହି ପ୍ରଶ୍ନଟି ମନରେ ଉଠିବା ସ୍ୱାଭାବିକ । ଏହାର କାରଣ ଆମର ପୁରାଣ ଶାସ୍ତ୍ରରେ ଦର୍ଶାଯାଇଛି । ଶିବ ଶ୍ରାବଣ ମାସକୁ ଆଦର କରିବା ପଛରେ ରହିଛି ଏକାଧିକ ପୌରାଣିକ ଉପାଖ୍ୟାନ । ପୁରାଣ ଅନୁଯାୟୀ ପିତା ଦକ୍ଷଙ୍କ ଯଜ୍ଞରେ ସତୀ ଆତ୍ମାହୁତି ଦେବା ପୂର୍ବରୁ ଶପଥ ନେଇଥିଲେଯେ ପରବର୍ତ୍ତୀ ଜନ୍ମରେ ମଧ୍ୟ ସେ ସେହି ଶିବଙ୍କୁ ହିଁ ପତି ଭାବେ ଗ୍ରହଣ କରିବେ । ପରବର୍ତ୍ତୀ ଜନ୍ମରେ ସତୀ ହିମାଳୟଙ୍କ କନ୍ୟା ପାର୍ବତୀ ରୂପେ ଜନ୍ମଗ୍ରହଣ କଲେ । ବିବାହ ଯୋଗ୍ୟା ହେବା ପରେ ପାର୍ବତୀ ଶିବଙ୍କୁ ପତି ରୂପେ ଲାଭ କରିବା ଲାଗି କଠୋର ତପସ୍ୟା କରିଥିଲେ । ଏହି ଶ୍ରାବଣ ମାସରେ ହିଁ ପାର୍ବତୀ ନିରାହାର ରହି ତପସ୍ୟାରତ ହୋଇଥିଲେ । ତାଙ୍କର ସାଧନାରେ ପ୍ରସନ୍ନ ହୋଇ ମହାଦେବ ପାର୍ବତୀଙ୍କୁ ପତ୍ନୀ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଗଲେ । ଏହି କାରଣରୁ ଶ୍ରାବଣ ମାସ ଶିବଙ୍କର ଅତିପ୍ରିୟ ଅଟେ । ଏହି ମାସରେ କୁମାରୀ କନ୍ୟାମାନେ ଉତ୍ତମ ପତି ପାଇବା ଇଚ୍ଛାରେ ଶିବଙ୍କର ଉପାସନା କରିଥାନ୍ତି । ଦ୍ୱିତୀୟତଃ ବିଶ୍ୱାସ କରାଯାଏଯେ ଦେବ ଦେବ ମହାଦେବ ଏହି ଶ୍ରାବଣ ମାସରେ ତାଙ୍କର ଶ୍ୱଶୁରାଳୟକୁ ବୁଲି ଆସିଥାନ୍ତି । ଶିବଙ୍କ ଧରାବତରଣ କାରଣରୁ ତାଙ୍କୁ ସାରା ସଂସାର ଉପାସନା କରେ ଏବଂ ଏହା ଶିବଙ୍କର ପ୍ରିୟ ମାସ ଅଟେ । ଶିବ ପୁରାଣ ଅନୁଯାୟୀ ମରକଣ୍ଡୁ ଋଷିଙ୍କ ପୁତ୍ର ମାର୍କଣ୍ଡେୟ ଆୟୁଷ୍ମାନ ହେବା ଇଚ୍ଛା ପୂରଣ ଲାଗି ଶିବଙ୍କ ଚରଣରେ ଶରଣ ପଶିଥିଲେ । ସେ ଶ୍ରାବଣ ମାସରେ ଘୋର ତପସ୍ୟା କରି ଶିବଙ୍କୁ ପ୍ରସନ୍ନ କରାଇଲେ । ଶିବ ମାର୍କଣ୍ଡେୟଙ୍କ ଉପରେ ଅତି ପ୍ରସନ୍ନ ହୋଇ କୃପା ବର୍ଷା କରିଥିଲେ । ଶିବ କୃପାରେ ଆୟୁଷ୍ମାନ ମାର୍କଣ୍ଡେୟଙ୍କ ଜୀବନ ନେବା ଲାଗି ଯମ ସମର୍ଥ ହୋଇପାରିନଥିଲେ । ଅନ୍ୟ ଏକ ଧାର୍ମିକ ବିଶ୍ୱାସ ଅନୁଯାୟୀ ଶ୍ରାବଣ ମାସରୁ ୪ମାସ ଲାଗି ବିଷ୍ଣୁ ଯୋଗନିଦ୍ରାରେ ଶୟନ କରୁଥିବାରୁ ଶିବ ସଂସାର ପାଳନର ଦାୟିତ୍ୱ ନେଇଥାନ୍ତି । ଏଥିପାଇଁ ଶିବ ଉପାସନା ଲାଗି ଶ୍ରାବଣ ମାସକୁ ସର୍ବୋତ୍କୃଷ୍ଟ ମନେକରାଯାଏ ।






**ଓ**ଡ଼ିଶାର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଐତିହାସିକ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ରହିଛି । ବ୍ରିଟିଶ ଶାସନ ଏବଂ ସେ ସମୟର ଦେଶୀୟ ରାଜାମାନଙ୍କ ଅମାନୁଷିକ ଶୋଷଣ, ବେଠି ପ୍ରଥା, ଏବଂ ଅତ୍ୟାଚାର ବିରୋଧରେ ଖଣ୍ଡପଡ଼ା-ଭାପୁରର ମାଟି ସବୁବେଳେ ପ୍ରତିବାଦର ବାର୍ତ୍ତା ଦେଇଆସିଛି । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଏବଂ ଓଡ଼ିଶାର ଗଡ଼ଜାତ ଆନ୍ଦୋଳନର ପ୍ରଭାବରେ ଏହି ଅଞ୍ଚଳର ଦାୟିତ୍ୱସମ୍ପନ୍ନ ଯୁବକ ଓ ଜନସାଧାରଣ ନିଜର ବ୍ୟକ୍ତିଗତ ସୁଖ, ପରିବାର ଏବଂ ଜୀବନକୁ ପାଣିଫୋଟକା ଭାବି ସଂଗ୍ରାମରେ ଝାସ ଦେଇଥିଲେ । ବ୍ରଜବନ୍ଧୁ ନାୟକ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ବୈଦ୍ୟନାଥ ରଥ, ଏବଂ ବନମାଳୀ ମହାରଣା । ଦଳବେହେରା, ଫତେସିଂ, ପାହାଡ଼ ସିଂହ, ଜୁଝାରସିଂହ ଙ୍କ ଭଳି ବୀର ପରିବାର ର ସଂଗ୍ରାମୀମାନେ ଏହି ଅଞ୍ଚଳରେ ଜନଜାଗରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅଞ୍ଚଳର ସଂଗ୍ରାମୀମାନେ କେବଳ କାଗଜପତ୍ରରେ ସୀମିତ ନ ଥିଲେ, ବରଂ ଗ୍ରାମରୁ ଗାଁକୁ ପଦଯାତ୍ରା କରି ଚାଷୀ, ମଜୁରିଆ ଓ ସାଧାରଣ ଲୋକଙ୍କୁ ଏକାଠି କରିଥିଲେ । ରାଜାଙ୍କ ଅନ୍ୟାୟ କର ଓ ଦମନଲୀଳା ବିରୁଦ୍ଧରେ 'ପ୍ରଜାମଣ୍ଡଳ' ଆନ୍ଦୋଳନକୁ ସଶକ୍ତ କରିବାରେ ସେମାନେ ନିଜର ସର୍ବସ୍ୱ ତ୍ୟାଗ କରିଥିଲେ । ସେ ସମୟର ଦୁର୍ବିସହ ପରିସ୍ଥିତି, ପୁଲିସର ଅତ୍ୟାଚାର ଏବଂ କାରାଦଣ୍ଡର ଭୟ ମଧ୍ୟ ସେମାନଙ୍କ ଦୃଢ଼ ମନୋବଳକୁ ଭାଙ୍ଗି ପାରି ନଥିଲା । ଖଣ୍ଡପଡ଼ା ଓ ଭାପୁରର ପ୍ରତ୍ୟେକ କୋଣରୁ ଉଠିଥିବା 'ବନ୍ଦେ ମାତରମ୍' ଧ୍ୱନି ବ୍ରିଟିଶ ଶାସକ ଙ୍କ ମନରେ କମ୍ପନ ସୃଷ୍ଟି କରିଥିଲା । ଖଣ୍ଡପଡ଼ା ଓ ଭାପୁରର ଏହି ମହାନ ସଂଗ୍ରାମୀମାନଙ୍କ ଜୀବନ କାହାଣୀ ଆଜିର ଯୁବପିଢ଼ି ପାଇଁ ଅତ୍ୟନ୍ତ ଶିକ୍ଷଣୀୟ । ସେମାନେ ଶିକ୍ଷା ଦେଇଯାଇଛନ୍ତିଦେଶପ୍ରେମ ସର୍ବୋପରି,ବ୍ୟକ୍ତିଗତ ସ୍ୱାର୍ଥଠାରୁ ଦେଶର ସ୍ୱାଧୀନତା ଏବଂ ସମ୍ମାନ ସବୁବେଳେ ଉର୍ଦ୍ଧ୍ୱରେ ।

*-ମନୋଜ କୁମାର ଶତପଥି*
*ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ, ଭାପୁର*

# ନିଜ ସହ ନିଜର ସାକ୍ଷାତ୍କାର

**ଟ୍ରେ**ନ୍ ହାଲୁକା ହାଲୁକା ଶବ୍ଦ କରି ଷ୍ଟେସନ୍ ଛାଡୁଥିଲା...ଝରକା ଦେଇ ଥଣ୍ଡା ପବନ ଆସୁଥିଲା । ସାମ୍ନା ବର୍ଥରେ ମୁଁ ଦେଖିଲି , ଏକ ହସହସ ଚେହେରା । ବୟସ ପ୍ରାୟ ୬୫ କି ୬୭ ବର୍ଷ ହେବ । ପିଠିରେ ଛୋଟ ଏକ ବ୍ୟାଗ୍ । ପଚାରିଲି ତାଙ୍କୁ । କହିଲେ-ମନାଲୀ । ଏକାକୀ ଭ୍ରମଣରେ ।
ପଚାରିଲି —'ଆଣ୍ଟି, ଏକା ଯେ ? ଭୟ ଲାଗୁନି ?'
ସେ ହସିଲେ । ଏବଂ ତାହା ଭିତରେ କିଛି କଥାବାର୍ତ୍ତା କଲି ତାଙ୍କ ସହ ।
ମନେ ହେଲା ତାଙ୍କ ହସ ଯେପରି ତାଙ୍କର ବର୍ଷ ବର୍ଷର ଭାରକୁ ଧୋଇ ଦେଉଥିଲା ।
କହିଲେ 'ପୁଅ, ଭୟ ସେତେବେଳେ ଲାଗୁଥିଲା ଯେତେବେଳେ ସମସ୍ତେ ସାଙ୍ଗରେ ଥିଲେ । ଏବେ ଏକା ଅଛି, ତେଣୁ ସ୍ୱାଧୀନ ଅଛି ।'
କଥାବାର୍ତ୍ତା ଭିତରେ ମୁଁ ଏକ ବଡ଼ ଶିକ୍ଷା ପାଇଲି ।
ସେ କହିଲେ'ମୁଁ ୬୦ ବର୍ଷ ପରେ ବଞ୍ଚିବା ଆରମ୍ଭ କରିଛି । କାହାରି ଉପରେ ନିୟନ୍ତ୍ରଣ କରିବାର ଅଭ୍ୟାସ ଛାଡ଼ିଦେଲି । ଆଗରୁ ସମସ୍ତଙ୍କୁ ହାତମୁଠାରେ ରଖିବାକୁ ଚାହୁଁଥିଲି, ସ୍ୱାମୀ, ପିଲାମାନେ, ଟଙ୍କାପଇସା । ଏବେ ସେଗୁଡ଼ିକୁ ବାଲି ପରି ବହିଯିବାକୁ ଦେଉଛି । ମନ ହାଲୁକା ଲାଗେ । ଲୋକଙ୍କଠାରୁ ଆଶା ରଖିବା ଛାଡ଼ିଦେଲି । ପୁଅ ଫୋନ୍ କଲେ ଭଲ, ନ କଲେ ମଧ୍ୟ ଭଲ । ମୁଁ ତାକୁ ଜନ୍ମ ଦେଇଛି ମାତ୍ର କର୍ମ ନୁହେଁ । ଅନ୍ୟମାନଙ୍କୁ ବଦଳାଇବାର ଚେଷ୍ଟା ଛାଡ଼ିଦେଲି ।୫୦ ବର୍ଷ ସ୍ୱାମୀଙ୍କୁ ସୁଧାରିବାରେ କାଟିଦେଲି । ସେ ଯେମିତି ଥିଲେ ସେମିତି ରହିଲେ । ଏବେ ମୁଁ ନିଜକୁ ବଦଳାଇଛି । ଶାନ୍ତି ମିଳିଛି ।ସମସ୍ତଙ୍କୁ ଖୁସି ରଖିବାର ଚେଷ୍ଟା ଛାଡ଼ିଦେଲି ।
ବୋହୂକୁ, ସମାଜକୁ, ଆତ୍ମୀୟ-ସ୍ୱଜନଙ୍କୁ ସମସ୍ତଙ୍କୁ ଖୁସି କରିବାକୁ ଯାଇ ନିଜେ କାନ୍ଦୁଥିଲି । ଏବେ କେବଳ ନିଜ ପ୍ରତି ସତ୍ୟନିଷ୍ଠା ରଖୁଛି । ପ୍ରତ୍ୟେକ ଭୁଲ ପାଇଁ ନିଜକୁ ଦୋଷ ଦେବା ଛାଡ଼ିଦେଲି । ଡାଲିରେ ଲୁଣ କମ୍ ହେଲେ ତିନି ଦିନ ଧରି ଦୁଃଖ କରୁଥିଲି । ଏବେ କହେ, ମୁଁ ମଣିଷ, ଦେବୀ ନୁହେଁ । ପ୍ରତ୍ୟେକ ଫଳାଫଳକୁ ନେଇ ଚିନ୍ତା କରିବା ଛାଡ଼ିଦେଲି ।



ଟ୍ରେନ୍ ଠିକ୍ ସମୟରେ ପହଞ୍ଚିବ କି ବିଳମ୍ବରେ, ଏହା ମୋ ହାତରେ ନାହିଁ । ମୁଁ ଚା ପିଏ ଯେତେବେଳେ ଚାହେଁ, ଦୃଶ୍ୟ ଉପଭୋଗ କରେ ନୀରବରେ । କେଉଁଠି ସଂପୃକ୍ତ ରହି ନଥାଏ । ପତରରେ ଜଳ ଭଳି । ଭବିଷ୍ୟତର ଭୟରେ ବର୍ତ୍ତମାନକୁ ହରାଇବା ଛାଡ଼ିଦେଲି ।
ଆସନ୍ତାକାଲି ହାର୍ଟ ଯନ୍ତ୍ରଣା କରିବ ବୋଲି ଭାବି ଆଜି ପାହାଡ଼ ଚଢ଼ିବି ନାହିଁ ? ଏପରି ନୁହେଁ । ଆଜି ତ ଚଢ଼ି ନେଉଛି । ଯାହା ମୋ ନିୟନ୍ତ୍ରଣରେ ନାହିଁ, ସେଥିରେ ଶକ୍ତି ନଷ୍ଟ କରିବା ଛାଡ଼ିଦେଲି ।
ମୋଦୀ କ'ଣ କରିବେ, ପଡ଼ୋଶୀ କ'ଣ କହିବେ, ଛାଡ଼ିଦେଲି ପୁଅ । ଏବେ ରକ୍ତଚାପ ମଧ୍ୟ ସାଧାରଣ ରହେ ।ଏବେ ମୁଁ କଣ କରୁଛି ?ମୁଁ ନିଜର ଯତ୍ନ ନିଏ ,ନିଜ ସହ ନିଜର ସାକ୍ଷାତ୍କାର କରେ । କିଏ କଣ କହୁଛି — ଗୋଟିଏ କାନରେ ଶୁଣେ, ଅନ୍ୟ କାନରେ ବାହାର କରିଦେଏ ।'
ଏମିତି ନିଜ କଥା ବଖାଣୁ ବଖାଣୁ ସେ ଝରକା ବାହାରକୁ ନିର୍ବିକାର ଭାବରେ ଚାହିଁ କହିଲେ —
'ପାଣି କେଉଁ ଦିଗକୁ ବହିବ, ତାହା ମୋ ହାତରେ ନାହିଁ ପୁଅ ।କିନ୍ତୁ ଝଡ଼ ମଧ୍ୟରେ ମୋ ଡଙ୍ଗା ଡଗମଗ ନକରୁ, ତାକୁ ଚଳାଇବା ମୋ ହାତରେ ଅଛି ।ଶାନ୍ତି ମଲ୍‌ରେ ମିଳେ ନାହିଁ । ଶାନ୍ତି ତୁମ ତକିଆରେ ଅଛି ,ଯେତେବେଳେ କାହାପ୍ରତି ଅଭିଯୋଗ ନ ଥାଇ ଶୋଇପାରିବ । ଶାନ୍ତି ତୁମ ପାଦତଳରେ ଅଛି , ଯେତେବେଳେ ଭୟ ବିନା ଏକାକୀ ଚାଲିପାରିବ ।'
ଟ୍ରେନ୍ ମନାଲୀ ପହଞ୍ଚିବାକୁ ଯାଉଥିଲା ।
ସେ ଓହ୍ଲାଇବା ବେଳେ କହିଗଲେ —
'ଯୁବାବସ୍ଥାରେ ମୁଁ ଦୁନିଆକୁ ଯୋଡ଼ିଥିଲି ପୁଅ,
ଏବେ ବୃଦ୍ଧାବସ୍ଥାରେ ନିଜକୁ ଯୋଡୁଛି ।
ସେଥିପାଇଁ ହସୁଛି... ।କାରଣ ଏବେ କୌଣସି ବୋଝ ନାହିଁ ।
କେବଳ ମୁଁ ଅଛି ।'

*-ପରେଶ ଚନ୍ଦ୍ର ରଥ*
*ମୋ:୯୫୫୬୮ ୯୭୦୬୩*



* Vol.- 46, Issue No. 136
* Saturday, 15 August 2026
* ଶନିବାର, ୧୫ ଅଗଷ୍ଟ ୨୦୨୬
* Bhubaneswar
* Price: Rs. 3.00, Page: 3
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଚିନ୍ତା ବଢ଼ାଇଲା ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା



* ଦଶରଥପୁର ବ୍ଲକରେ ପରିସ୍ଥିତି ବିଗିଡ଼ିଲା
* ବେତନଟୀ ବ୍ଲକର ୧୬ ଗ୍ରାମ ପଞ୍ଚାୟତ ପ୍ରଭାବିତ
* ବିପନ୍ନଙ୍କ ବଢ଼ୁଛି ଦୁଃଖ
* ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି

ଯାଜପୁର/ବାରିପଦା/ବାଲେଶ୍ୱର,୧୪।୮: ବୈତରଣୀ ନଦୀରେ ଆସିଛି ଚତୁର୍ଥ ବନ୍ୟା। ଫଳରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ପରିସ୍ଥିତିକୁ ପୁଣି ବିଗାଡ଼ି ଦେଇଛି। ବୈତରଣୀର ଏକ ଶାଖା କାଣୀ ନଦୀର ବନ୍ୟାଜଳ ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଡୋଭାବିଲ ପାଟଣାରେ ଏକ ଫାଟ ଦେଇ ବହୁ ଗାଁରେ ପ୍ରବେଶ କରିଛି। କସପା ଏବଂ ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଛଅଟି ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ଘାଇ ପ୍ରଶସ୍ତ ହେବାରେ ଲାଗିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। କଟିକଟା ମାଝୀ ସାହି, କାପୁଡ଼ିଆସାହି ଏବଂ ଜୟନ୍ତରା ମହାପାତ୍ର ସାହି ସମେତ ଅଞ୍ଚଳରେ ବନ୍ୟାଜଳ ୫ ଫୁଟରୁ ଅଧିକ ହୋଇଛି। ଅନେକ ବାସିନ୍ଦା ଛାତ ଉପରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ରାସ୍ତା ଯୋଗାଯୋଗ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଅହିୟାସ ବଜାରରେ କଟିଆ-ବୈଷପଣ ମୁଖ୍ୟ ରାସ୍ତା ଉପରେ ପ୍ରାୟ ଦୁଇ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅହିୟାସ-ତରପଡ଼ା ରାସ୍ତା ମଧ୍ୟ ନଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ ଅଞ୍ଚଳରେ ପ୍ରଥମ ବନ୍ୟା ଦେଖିଛି ଜୁଲାଇ ୬ ତାରିଖରେ ସଂଘଟିତ ହୋଇଥିଲା। ସେତେବେଳେ କଣ୍ଟାପଡ଼ାରେ କାଣୀ ନଦୀ ଭାଙ୍ଗି ଯାଇଥିଲା। ଜୁଲାଇ ୨୮ ତାରିଖରେ ଦ୍ୱିତୀୟ ବନ୍ୟା ସମୟରେ, ଡୋଭାବିଲ ପାଟନାରେ କାଣୀ ନଦୀରେ ଦୁଇଟି ଘାଇ ସୃଷ୍ଟି ହୋଇଥିଲା। ତୃତୀୟ ବନ୍ୟା ଅଗଷ୍ଟ ୮ ତାରିଖରେ ଆସିଥିଲା, ଯାହା ଫଳରେ ମରାମତି ହୋଇଥିବା ଘାଇ ପୁଣି ଥରେ ଭାଙ୍ଗି ଯାଇଥିଲା। ଚତୁର୍ଥ ବନ୍ୟା ବର୍ତ୍ତମାନ ଅଞ୍ଚଳକୁ ପ୍ରଭାବିତ କରୁଥିବାରୁ, ଅନେକ ପରିବାର ଏପର୍ଯ୍ୟନ୍ତ ଘରକୁ ଫେରିପାରି ନାହାନ୍ତି। ପ୍ରବଳ ବର୍ଷା ପରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିବାରୁ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ବ୍ଲକର ୧୬ଟି ଗ୍ରାମ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି, ଅନେକ ଅଞ୍ଚଳ ଜଳମଗ୍ନ ରହିଛି। ଚାଷଜମିର ବଡ଼ ଅଂଶ ବୁଡ଼ି ଯାଇଛି। ପ୍ରାୟ ତିନି ଫୁଟ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ବ୍ୟସ୍ତବହୁଳ ବୈଶିଙ୍ଗା-ମାଣତ୍ରି-ଉଦଳା ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବନ୍ୟା ପରିସ୍ଥିତିର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି।ବନ୍ୟା ପରିସ୍ଥିତି ମଧ୍ୟରେ, ଜିଲ୍ଲା ପ୍ରଶାସନ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ବୃଦ୍ଧି କରିଛି। ବଡ଼ସାହି ବିଧାୟକ , ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ପୋଲିସ ଅଧୀକ୍ଷକ ରାତିସାରା ପ୍ରଭାବିତ ଅଞ୍ଚଳରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ବାଲେଶ୍ୱର ଜିଲ୍ଲା ଜଳକା ନଦୀ ବିପଦ ସଂକେତ ଟପିବା ଫଳରେ ବସ୍ତା ବ୍ଲକ୍‌ର ୨୦ଟି ଓ ସଦର ବ୍ଲକ୍‌ର ୮ଟି ପଞ୍ଚାୟତ ଜଳବନ୍ଦୀ ହୋଇପଡିଛି।

# ବାଙ୍କୀରେ ଝାଡ଼ାବାନ୍ତି ୩୦ରୁ ଅଧିକ ଅସୁସ୍ଥ !



ବାଙ୍କୀ,୧୪।୮: ଚଳିତ ବନ୍ୟା ଦୁର୍ଦ୍ଦଶା ପରେ ବାଙ୍କୀରେ ଝାଡ଼ାବାନ୍ତି ପ୍ରାଦୁର୍ଭାବ ଦେଖାଯାଇଛି । ବିଭିନ୍ନ ଗାଁରୁ ଚିହ୍ନଟ ହେଉଛନ୍ତି ଅନେକ ଆକ୍ରାନ୍ତ । ଝାଡ଼ାବାନ୍ତିରେ ଅସୁସ୍ଥ ହୋଇ ୩୦ରୁ ଅଧିକ ବ୍ୟକ୍ତି ମେଡିକାଲରେ ଭର୍ତ୍ତି ହୋଇଥିବା ବେସରକାରୀ ଭାବରେ ଜଣାପଡ଼ିଛି । ବନ୍ୟା ପରେ ଏବେ ଝାଡ଼ାବାନ୍ତିକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ବନ୍ୟା ପାଣି ଛାଡ଼ିବା ପରେ ଅନେକ ଅଞ୍ଚଳରେ ଜଳ ଓ ପରିମଳ ସମସ୍ୟା ଦେଖାଦେଇଛି । ଏଭଳି ସ୍ଥିତିରେ ଦୂଷିତ ପାଣି କିମ୍ବା ଅସ୍ୱଚ୍ଛ ପରିବେଶ ଯୋଗୁଁ ଝାଡ଼ାବାନ୍ତି ବ୍ୟାପିବାର ଆଶଙ୍କା ରହିଛି । ବିଭିନ୍ନ ଗାଁରୁ ଏହି ରୋଗରେ ଆକ୍ରାନ୍ତ ଲୋକ ଚିହ୍ନଟ ହେବା ସହ ଚିକିତ୍ସା ପାଇଁ ମେଡିକାଲକୁ ଆସୁଛନ୍ତି । ତେବେ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇଦେବା ସହ ସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଛି । ବନ୍ୟା ପରେ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି । ପାଣିକୁ ଫୁଟାଇ କିମ୍ବା ବିଶୋଧନ କରି ପିଇବା ସହ ଖାଦ୍ୟକୁ ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି। ଝାଡ଼ାବାନ୍ତି ଭଳି ଲକ୍ଷଣ ଦେଖାଦେଲେ ଅବହେଳା ନକରି ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

### ଏମଏମଡିଆର ବିଲ୍ ପ୍ରସଙ୍ଗରେ

# ରାଜରାସ୍ତାକୁ ଓହ୍ଲାଇବ ବିଜେଡି



ଭୁବନେଶ୍ୱର,୧୪।୮: ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି ବିଜୁ ଜନତା ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି ବୈଠକ। ରାଜ୍ୟର ଚାଷୀ ସମସ୍ୟା, ଏମଏମଡିଆର ସଂଶୋଧନ ବିଲ୍ ଏବଂ ପାଠ୍ୟପୁସ୍ତକରେ ତ୍ରୁଟି ଭଳି ଜ୍ୱଳନ୍ତ ପ୍ରସଙ୍ଗକୁ ନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଛି। ଡବଲ ଇଞ୍ଜିନ ସରକାରଙ୍କ ଜନମାର୍ଗ ବିରୋଧୀ ନୀତିକୁ କଡା ବିରୋଧ କରି ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସିଧାସଳଖ ଚେତାବନୀ ଦେଇଛି। ବୈଠକ ପରେ ଦଳର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ରାଜ୍ୟର ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଭାଗଚାଷୀମାନେ ଅତି ସୁରୁଖୁରୁରେ ପଞ୍ଜୀକରଣ କରୁଥିଲେ। କିନ୍ତୁ ବର୍ତ୍ତମାନର ସରକାର ଭାଗଚାଷୀଙ୍କ ସେହି ଅଧିକାରକୁ ଛଡ଼ାଇ ନେଇଛନ୍ତି। ସରକାର ଚାହୁଁନାହାନ୍ତି ଯେ ଚାଷୀମାନେ ଅଧିକ ଅମଳ କରନ୍ତୁ। ତେଣୁ ପୂର୍ବଭଳି ସହଜରେ ଭାଗଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ଗତ ସରକାର ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଧାନ କିଣିବାର ସୁଯୋଗ ମିଳିଥିଲା, ମାତ୍ର ବର୍ତ୍ତମାନର ସରକାର ୫୮୦ରୁ ଅଧିକ ଏସଏଚଜିଙ୍କୁ ବନ୍ଦ କରିଦେଇଛନ୍ତି। ଏହି ନିଷ୍ପତ୍ତିକୁ ଦଳ ପକ୍ଷରୁ ଦୃଢ଼ ବିରୋଧ କରାଯିବ ଏବଂ ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଯିବ ବୋଲି ଶ୍ରୀମତୀ ମଲ୍ଲିକ ଚେତାବନୀ ଦେଇଛନ୍ତି।ସାଂସଦ ମାନସ ମଙ୍ଗରାଜ ଏବଂ ସାଂସଦ ସନ୍ତୃପ୍ତ ମିଶ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିଶାଣ କରି କହିଛନ୍ତି ଯେ, ଓଡ଼ିଶାରୁ ୨୦ ଜଣ ସାଂସଦ ଥାଉଥାଉ କିପରି ଓଡ଼ିଶା ବିରୋଧୀ ଏମଏମଡିଆର ବିଲ୍ ପାସ୍ ହେଲା ? ଏହି ବିଲ୍ କାରଣରୁ ବାର୍ଷିକ ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର କ୍ଷତି ସହିବ ଓଡ଼ିଶା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଖାତିର କରାଗଲା ନାହିଁ। 'ଡବଲ ଇଞ୍ଜିନ' ସରକାର ନାଁରେ ଓଡ଼ିଶାକୁ ଲୁଟ୍ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ଫ୍ରଣ୍ଟ-ଅଫ୍-ପ୍ୟାକ୍ ଚେତାବନୀ ଲେବଲ୍ ନ ଥିବାରୁ 'ସୁପ୍ରିମ' ଚେତାବନୀ

ନୂଆଦିଲ୍ଲୀ,୧୪।୮: ଗୁରୁବାର ଦେଶର ଖାଦ୍ୟ ନିୟାମକ, ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ), ଚିନି, ଲୁଣ ଏବଂ ସାଚୁରେଟେଡ୍ ଚର୍ବି ସ୍ତର ସୂଚାଇ ପ୍ୟାକେଜ୍ ଖାଦ୍ୟ ଉତ୍ପାଦରେ ଫ୍ରଣ୍ଟ-ଅଫ୍-ପ୍ୟାକ୍ ଚେତାବନୀ ଲେବଲ୍ ପ୍ରଚଳନ ନ କରିଥିବା ହେତୁ ସୁପ୍ରିମକୋର୍ଟ ସମାଲୋଚନା କରିଛନ୍ତି। ଜଷ୍ଟିସ୍ ପାର୍ଦିୱାଲାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏଫଏସଏସଏଆଇକୁ ପଚାରିଥିଲେ ଯେ ଏହା ପିଲାମାନଙ୍କୁ ସୁସ୍ଥ ଭାବରେ ବଢ଼ିବାକୁ ଚାହୁଁନାହିଁ କି ? କେରଳରୁ ଆଗତ ଏକ ଆବେଦନ ଉପରେ ଶୁଣାଣି କରାଯାଇଥିଲା। ଯେଉଁଥିରେ କେନ୍ଦ୍ରଠାରୁ ଫ୍ରଣ୍ଟ-ଅଫ୍-ପ୍ୟାକ୍ ଚେତାବନୀ ଲେବଲ୍ ପ୍ରଚଳନ କରିବାକୁ ନିର୍ଦ୍ଦେଶ ଲୋଡ଼ିଥିଲା। 'ଆମେ ଜନସ୍ୱାର୍ଥ ପାଇଁ ଏହା କରୁଛୁ। ଏହା ମନେ ରଖନ୍ତୁ। ଆମେ ଏହା ନିଜ ପାଇଁ କରୁନାହୁଁ ଜଷ୍ଟିସ୍ ପାରଦିୱାଲା ସରକାରୀ ପକ୍ଷକୁ ପଚାରିଥିଲେ।

# ଲଗାଣ ବର୍ଷା: କାଞ୍ଚିପାଣି ଘାଟିରେ ଭୂସ୍ଖଳନ

* ତେଲକୋଇର ସ୍ଥିତି ବେହାଲ
* ବିଭିନ୍ନ ନାଳରେ ବର୍ଷା ଜଳ ପ୍ରବାହିତ, ଯାତାୟାତ ଠପ୍



କେନ୍ଦୁଝର, ୧୪।୮: ଲଗାଣ ବର୍ଷାରେ ୪୯ ନମ୍ବର୍ ଜାତୀୟ ରାଜପଥ କାଞ୍ଚିପାଣି ଘାଟିର ଧଳାପଥର ବାଙ୍କ ନିକଟରେ ପାହାଡ଼ରୁ ଭୁସ୍ଖଳନ ହୋଇଛି ।ପାହାଡରୁ ମାଟି ପଥର ଓ ଗଛ ଧସି ଚାରି ଥାକିଆ ରାସ୍ତା ର ଗୋଟିଏ ପଟ ରାସ୍ତା ବନ୍ଦ ହୋଇଯାଇଛି। ସକାଳ ସମୟରେ ଭୁସ୍ଖଳନ ହୋଇଥିବା ବିଭାଗୀୟ ସୂଚନା ରୁ ଜଣାପଡିଛି। ଖବର ପାଇବା ପରେ ଏନଏଚଆଇ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁଇଟି ଜେସିବି ମେସିନ ଓ ଗୋଟିଏ ହାଇଡ୍ରା ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ କରିଥିଲା। ମଝିରେ ମଝିରେ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ରାତିରେ ଗାଡି ଚଳାଚଳ ବନ୍ଦ ଥିବାବେଳେ ଆଜି ସକାଳୁ ବିଭାଗ ପକ୍ଷରୁ ଗୋଟିଏ ପଟ ରାସ୍ତା ରେ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଥିଲା। ଲଗାଣ ବର୍ଷା ଯୋଗୁଁ ତେଲକୋଇର ସ୍ଥିତି ବେହାଲ ହୋଇପଡିଛି। ବିଭିନ୍ନ ପାହାଡ଼ିଆ ନାଳର ପୋଲ ଉପରେ ବର୍ଷା ଜଳ ପ୍ରବାହିତ ଯୋଗୁଁ ବସ ଚଳାଚଳ ସହିତ ଯାତାୟତ ଠପ୍ ହୋଇଯାଇଛି। ଲୋକେ ନାହଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ ନୂଆଗଡ ଟେନାର ନାଳ ଉପରେ ୬ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବା ରୁ ଦେଉଳଡିହା, କରଦାଙ୍ଗି, ଭିମକାଣ୍ଡ ପ୍ରଭୃତି ତିନୋଟି ପଂଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେପଟେ ତେଲକୋଇ-ଜଗମୋହନପୁର ରାସ୍ତାର ହନୁମନ୍ତିଆ ନାଳ ରେ ତିନି ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ପାଂଚ ପଂଚାୟତ ତେଲକୋଇ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ଦେବଗଡ଼, ସମ୍ବଲପୁର , ପାଲଲହଡ଼ା, ରାଉରକେଲା ଆଦି ସ୍ଥାନକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଅନ୍ୟପକ୍ଷରେ ପିଟାନାଳି -ସାପଲାଞ୍ଜି ରାସ୍ତାର ଜରଡା ନାଳ ପୋଲ ଉପରେ ତିନି ଫୁଟ ର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଆଦର୍ଶ ବିଦ୍ୟାଳୟ କୁ ଯାତାୟାତ ଠପ୍ ହୋଇପଡିଛି।




## ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0088

15001/88/2627



## ୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ । ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି । ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ତିଥି :(ତୃତୀୟା): (ଉତ୍ତରାଫା ସିଂହ)
ଅମୃତ ବେଳା: ଦିବା ଘ ୯।୨୯ ଗତେ ଘ୧୨।୪୧ ମଧ୍ୟେ

## ଆଜିର ଅନୁଚିନ୍ତନ

ସଂସାର ବୃକ୍ଷକୁ ଯିଏ ଜାଣେ ସେ ସମସ୍ତ ବେଦର ଜ୍ଞାତା।।
- ଶ୍ରୀମଦ୍ ଭଗବଦ୍ ଗୀତା

# ପାଇଲଟଙ୍କ ଉପରେ ଚାପ !

ବିମାନ ଯାତ୍ରାବେଳେ ଯାତ୍ରୀଙ୍କ ଜୀବନ ସୁରକ୍ଷା ସର୍ବୋପରି ପାଇଲଟଙ୍କ ଉପରେ ହିଁ ନ୍ୟସ୍ତ ଥାଏ। ତାଙ୍କର ସାମାନ୍ୟ ଅବହେଳା ଯଦି ଘଟେ, ତେବେ ଯାତ୍ରୀଙ୍କ ଜୀବନ ସଂକଟ ଘେରକୁ ଆସିବା କିମ୍ବା ମୃତ୍ୟୁ ଏକ ପ୍ରକାର ସୁନିଶ୍ଚିତ। ଅଗଷ୍ଟ ୪ରେ ଏୟାର ଇଣ୍ଡିଆର ଏକ ବିମାନ ଫୁକେଟରୁ ଦିଲ୍ଲୀ ଅଭିମୁଖେ ଆସୁଥିବାବେଳେ ଆକାଶ ମାର୍ଗରେ ପ୍ରାୟ ୩୬ହଜାର ୧୬୦ ଫୁଟ ଉଚ୍ଚରେ ଉଡ଼ାଣ କରୁଥିଲା। ହଠାତ୍ ୩୫ହଜାର ୮୦୦ ଫୁଟ ତଳକୁ ଖସିଆସିବା ଅର୍ଥାତ୍ ପାଖାପାଖି ୩୬୦ ଫୁଟ ତଳକୁ ଖସିଆସିଥିଲା। ଫ୍ଲାଇଟ ଟ୍ରେଡର ଯାତ୍ରା ଏହି ସୂଚନା ଦେଉଛି। ଆକସ୍ମିକ ଭାବରେ ତଳକୁ ବିମାନ ଖସିବା ଘଟଣାରେ ଆହତ ହୋଇଥିବା ଲୋକଙ୍କ ସଂଖ୍ୟା ଏବେ ୨୪ରେ ପହଞ୍ଚିଛି। ବିମାନ ଚାଳନା ଯଦି ଠିକ୍‌ଠାକ୍ ଥାଏ ଓ ପ୍ରତିକୂଳ ପାଗ କିଛି ନ ଥାଏ, ତେବେ ଆକସ୍ମିକ ଭାବେ ବିମାନ ତଳକୁ ଖସିବାର କୌଣସି ସମ୍ଭାବନା ନ ଥାଏ। ମାତ୍ର ଘଟଣା ଦିନ ଉକ୍ତ ବିମାନ ତଳକୁ ଖସିବା ନେଇ ନାନା ସନ୍ଦେହ ଉଙ୍କି ମାରିଥିଲା। ଏହା ଯାନ୍ତ୍ରିକ ତ୍ରୁଟି ଅବା ପାଇଲଟଙ୍କ ଚାଳନାର ତ୍ରୁଟି ଏନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଯେବେ ବିମାନଟି ତଳକୁ ଖସିଲା ତାହାର ୧ ମିନିଟ ମଧ୍ୟରେ ସେଣ୍ଟର ଲାଇନ ଫଲ୍ଟ ଡିସ୍‌ପ୍ଲେ ସିଷ୍ଟମରେ ଅତି କମ୍‌ରେ ୮ଟି ମେସେଜ ଆସିଥିଲା ବୋଲି କୁହାଯାଉଛି। ପାଇଲଟ ଜଣଙ୍କ କୁଆଡ଼େ ତାଙ୍କ ପରିବାର ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରୁଥିଲେ ଓ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ଥିଲେ। ସାଧାରଣ ଭାବରେ ଅନ୍ତର୍ଜାତୀୟ ବିମାନ ଚାଳନା କରୁଥିବା ପାଇଲଟ ମାନସିକ, ଶାରୀରିକ ଓ ଆବେଗିକ ଭାବରେ ସୁସ୍ଥ ରହିବା ଦରକାର। କେଉଁଠି ସାମାନ୍ୟତମ ଅସୁସ୍ଥତା ବଡ଼ ଧରଣର ବିପଦର ଆଶଙ୍କା ଠିଆ କରାଇପାରେ। ପ୍ରଶ୍ନ ଉଠୁଛି ଯଦି ପାଇଲଟ ଜଣଙ୍କ ଚିକିତ୍ସା ବା ମେଡିକେସନ ମଧ୍ୟରେ ଥିଲେ, କର୍ତ୍ତୃପକ୍ଷଙ୍କୁ ଜଣାଇ ଛୁଟିରେ ରହିବାର ଥିଲା ବା କର୍ତ୍ତୃପକ୍ଷ ଅସୁସ୍ଥ ପାଇଲଟଙ୍କୁ ନେଇ ବିମାନ ଉଡ଼ାଣ କରାଇବାର ନ ଥିଲା। ଗଂଜେଇ ବା ମାରିଜୁଆନା ସେବନ କାରଣରୁ ଏପରି ଦୁର୍ଦ୍ଦଶା ଘଟିଲା ବୋଲି ଗଣମାଧ୍ୟମରେ ଯାହା କୁହାଯାଉଛି ତାହା ବ୍ୟବସ୍ଥାଗତ ତ୍ରୁଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶିତ ହିଁ କରୁଛି। ୩୦ରୁ ୩୫ ମିନିଟ୍ ପର୍ଯ୍ୟନ୍ତ ପାଇଲଟ ଜଣଙ୍କ ନିଦ୍ରା ଯାଇଥିଲେ ଓ ଏଥିଲାଗି ସେ ୱାସ୍‌ରୁମ୍ ବ୍ୟବହାର କରିଥିଲେ ବୋଲି କୁହାଯାଉଛି ଏବଂ ଏପରି ସମୟରେ ସହ-ପାଇଲଟଙ୍କ ଉପରେ ଉଡ଼ାଣ ଦାୟିତ୍ୱ ଥିଲା।

ଆଲୋଚ୍ୟ ବିମାନଟି ଏକ ଜଣାଶୁଣା ଖ୍ୟାତିସଂପନ୍ନ ଗ୍ରୁପର ଅଧୀନରେ ଉଡ଼ାଣ କରୁଥିଲା। ଉକ୍ତ ଗ୍ରୁପ ଅଧୀନରେ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ରହିଛି। ଏଥିରେ ପ୍ରାୟ ୫ହଜାରରୁ ଅଧିକ ପାଇଲଟ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସୁସ୍ଥତା ରକ୍ଷା ହେଉଛି କର୍ତ୍ତୃପକ୍ଷ ସର୍ବୋତ୍ତମ ଦାୟିତ୍ୱ। ଏଣିକି ସାଇକୋ ଆକ୍ଟିଭ ସବ୍‌ଷ୍ଟାନ୍‌ସ ପରୀକ୍ଷଣ ସମସ୍ତ ପାଇଲଟଙ୍କ ହେବ। ପ୍ରତିବର୍ଷ ଅନ୍ୟୂନ୍ୟ ୧୦ ପ୍ରତିଶତ ସାଇକୋ ଆକ୍ଟିଭ ସବ୍‌ଷ୍ଟାନ୍‌ସ ପରୀକ୍ଷଣ ହେବ। କର୍ତ୍ତୃପକ୍ଷ ଏବେ ଯାହା ନିଷ୍ପତ୍ତି ନେଇଛନ୍ତି ତାହା ବହୁ ଆଗରେ ନେବାର ଆବଶ୍ୟକତା ଥିଲା। ଯାହା ମନେହୁଏ ମୁଖ୍ୟ ପାଇଲଟଙ୍କ ଉପରେ କାର୍ଯ୍ୟ ଚାପ ଥିଲା ଓ ସେଥିରୁ ନିଷ୍କୃତି ପାଇବା ପାଇଁ ହୁଏତ ନିଶାସେବନ କରିଥିଲେ। ଠିକ୍ କାମ, ଠିକ୍ ସୁସ୍ଥତା ଓ ଆବଶ୍ୟକ ଛୁଟି ପ୍ରତି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧ୍ୟାନ ଦିଆଗଲେ ଏ ସମସ୍ୟା ଅନେକାଂଶରେ ପ୍ରତିହତ ହୋଇପାରିବ ଓ ଏହା ଦ୍ୱାରା ଯାତ୍ରୀ ସୁରକ୍ଷା ନିଶ୍ଚିତ ହୋଇପାରିବ।

# ସ୍ୱାଧୀନତାର ଉପଲବ୍ଧି

## ଯୁଧିଷ୍ଠିର ମହାରଣା

ଦୀର୍ଘ ପାଞ୍ଚଶହ ବର୍ଷ ଧରି ଗୋଲାମି ଶାସନ କବଳରେ ପେଷି ହୋଇ ରହିବା ପରେ ଯେଉଁ କଷ୍ଟଲବ୍ଧ ସ୍ୱାଧୀନତା ଏ ଦେଶବାସୀ ହାସଲ କରିଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ! ଏହି ଅବସରରେ ସ୍ୱାଧୀନତା ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଉତ୍ସବ, ସମାରୋହମାନ ଅନୁଷ୍ଠିତ ହେଉଛି । ସରକାରୀ, ବେସରକାରୀ ତଥା ସର୍ବସାଧାରଣ ଅନୁଷ୍ଠାନ, ସମସ୍ତେ ଏହି ଉତ୍ସବରେ ସାମିଲ ହେଉଛନ୍ତି ଏବଂ ସ୍ୱାଧୀନ ଦେଶର ନାଗରିକ ଭାବେ ଆନନ୍ଦ ଅନୁଭବ କରି ପ୍ରଫୁଲ୍ଲିତ ହେଉଛନ୍ତି । ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର୍ ଦେଇ କହିବାର ଆବଶ୍ୟକତା ନାହିଁ । ତେବେ ଏତିକି କୁହାଯାଇପାରେ ନାଗରିକ ଭାବେ ଆମେ ଯେଉଁ ପରିମାଣରେ ସଫଳତା, ସୁଯୋଗ ଓ ଅଧିକାର ପାଇବା କଥା ତାହା ଯଥାର୍ଥରେ ପାଇଛୁ କି, ଯଦି ନୁହେଁ ତାହେଲେ ଏ କ୍ଷେତ୍ରରେ କ'ଣ ତ୍ରୁଟି ରହିଛି ?

ଇତିହାସକୁ ଅନୁଧ୍ୟାନ କଲେ ଏ କ୍ଷେତ୍ରରେ ମୋଟାମୋଟି ଭାବେ ଯେଉଁ ଚିତ୍ରଟି ସାମ୍ନାକୁ ଆସେ, ତାହାକୁ ଲକ୍ଷ୍ୟ କରି ଅନେକ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମ ବେଳର ବଞ୍ଚିଥିବା କତିପୟ ସଂଗ୍ରାମୀ ଗଭୀର କ୍ଷୋଭ ପ୍ରକାଶ କରି କହନ୍ତି, ସ୍ୱାଧୀନତାର ମୂଳ ଲକ୍ଷ୍ୟ ପରାହତ ହୋଇଛି । ଯେଉଁ ମହନୀୟ ଆଦର୍ଶ ଓ ଲକ୍ଷ୍ୟ ନେଇ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା, ପରବର୍ତ୍ତୀ କାଳରେ ତାହା କକ୍ଷଚ୍ୟୁତ ହେବା ସହ ମୁଷ୍ଟିମେୟ ଲୋକଙ୍କ ହାତରେ କ୍ଷମତା ଠୁଳ ହୋଇଛି, ଫଳରେ ଦେଶର ସର୍ବାଙ୍ଗୀନ ବିକାଶ ବ୍ୟାହତ ହୋଇଛି । ଗରିବ ଲୋକେ ଆହୁରି ଗରିବ ହୋଇ ରହିଛନ୍ତି । ଶାସନ ବ୍ୟବସ୍ଥାକୁ ଯେଉଁମାନେ ଆସୁଛନ୍ତି, ସେମାନେ ସମତାର ପ୍ରତୀକ ନ ହୋଇ ଭୋଟକୈନ୍ଦ୍ରିକ ରାଜନୀତିସର୍ବସ୍ୱ ହେଉଥିବାରୁ ନିରୀହ, ନିଃସ୍ୱ ଏବଂ ନିରକ୍ଷର ଲୋକଙ୍କର କଥା ଶୁଣିବାକୁ କେହି ନାହାନ୍ତି । ଫଳରେ ସେହି ସବୁ ଲୋକମାନଙ୍କ ମଧ୍ୟରେ ଦୀର୍ଘଦିନରୁ ରହିଥିବା ଅନ୍ତର୍ବେଦନା କ୍ରମେ କ୍ରମେ ବିସ୍ଫୋରଣ ରୂପ ନେଉଛି, ଯାହା ଦେଶର ଶାନ୍ତି ଓ ସଦ୍‌ଭାବନାର ବାତାବରଣକୁ କ୍ଷୁଣ୍ଣ କରୁଛି । ସମ୍ପ୍ରତି ଦେଶର କେତେକ ଅଞ୍ଚଳରେ ଦେଖାଦେଇଥିବା ଯୁବ ସମସ୍ୟା, ଜେନ-ଜିଙ୍କ ଦାବି ଏବଂ ବିଭିନ୍ନ ସମସ୍ୟା ପଛରେ ଏହା ଏକ କାରଣ ହୋଇଥିଲେ ମଧ୍ୟ ଏହାକୁ ଯେପରି ସମାଧାନ କରିବା କଥା ତାହା କରାଯାଉନଥିବା ପରିତାପର ବିଷୟ ।

ରାଜନୈତିକ, ପ୍ରଶାସନିକ, ଏପରିକି ଗଣମାଧ୍ୟମ କ୍ଷେତ୍ରରେ ଦୁର୍ନୀତି ଆଜି ବିଷମ ସମସ୍ୟା ସୃଷ୍ଟି କରିଛି । କେତେବେଳେ କେମିତି ଅଦାଲତ ରକ୍ଷକ ଭୂମିକା ନିର୍ବାହ କରି ପ୍ରଶଂସାର ପାତ୍ର ହେଉଛନ୍ତି ତ ଆଉ କେତେବେଳେ ଖୋଦ୍ ବିଚାର ବିଭାଗର ଅଧିକାରୀ ମଧ୍ୟ ସମାଲୋଚନାର ପରିସର ମଧ୍ୟକୁ ଆସିଯାଉଛନ୍ତି । ଆମର ବ୍ୟବସ୍ଥା ଏପରି ହୋଇଛି ଯେ କେଉଁଠି ଲୋକେ ଦୁଇବେଳା ମୁଠାଏ ଖାଇବାକୁ ନ ପାଇ ଜୀବନ ହାରି ଦେଉଛନ୍ତି ତ ସେପଟେ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଖତ ଖାଉଛି । ବର୍ଷେ କି ଦୁଇବର୍ଷ ନୁହେଁ, କ୍ରମାଗତ ବର୍ଷ ବର୍ଷ ଏହିପରି ଘଟଣା ଘଟିବା ଅକ୍ଷମଣୀୟ । ସୁପ୍ରିମ୍‌କୋର୍ଟ ଏବେ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରି କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଏପରି ପଚାସଡ଼ା ହେବା ପରିବର୍ତ୍ତେ ଏବଂ ଗରିବ ଲୋକଙ୍କ ମଧ୍ୟରେ ବିତରଣ କରିଦେବାକୁ ଆଦେଶ ଦେଇଛନ୍ତି । ଯେଉଁ କାରଣ ପାଇଁ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଖୋଲା ଆକାଶ ତଳେ ସଢ଼ି ନଷ୍ଟ ହେଉଛି ତାହା ହେଉଛି ଖାଦ୍ୟଶସ୍ୟ ଗଚ୍ଛିତ କରି ରଖିବା ପାଇଁ ଭଣ୍ଡାର ଗୃହ ନାହିଁ ।

୨୦୫୦ ବେଳକୁ ଭାରତ ଜନସଂଖ୍ୟାରେ ଚୀନକୁ ଅତିକ୍ରମ କରି ପୃଥିବୀର ସର୍ବବୃହତ୍ ଜନବହୁଳ ଦେଶରେ ପରିଣତ ହୋଇଯାଇଥିବ । ସେତିକିବେଳକୁ ଯଦି ଏହି ପରିସ୍ଥିତି ଅବ୍ୟାହତ ରହେ, ଦେଶର ଅବସ୍ଥା କ'ଣ ହେବ ସହଜରେ ଅନୁମେୟ । ବିକାଶର ସୁଷମ ବଣ୍ଟନ ନ ହେଲେ ଲୋକଙ୍କ ଭିତରେ ହିଂସା ଏବଂ ଅସୂୟା ତୀବ୍ର ହେବା ସ୍ୱାଭାବିକ ଏବଂ ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଏହା ଅସ୍ଥିରତାକୁ ଜନ୍ମ ଦେଇଥାଏ । ସୁତରାଂ ନେଡ଼ିଗୁଡ଼ କହୁଣିକୁ ବହିଯିବା ପୂର୍ବରୁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରାଯିବା ଏକାନ୍ତ ବାଞ୍ଛନୀୟ । ଆଜି ବିଶ୍ୱର 'ବିଶ୍ୱଗୁରୁ' ପାଲଟିଥିବା ଭାରତ ସତରେ ଅସଲ ସ୍ୱାଧୀନତା ପାଇଛି ? ଆମ୍ଭେମାନେ ଜଣେ ଜଣେ କ'ଣ ଯଥାର୍ଥ ସ୍ୱାଧୀନ ଭାରତର ନାଗରିକ ଏହି ପ୍ରଶ୍ନ ଆମ୍ଭମାନଙ୍କୁ ଯେତିକି ଆନ୍ଦୋଳିତ କରୁଛି ସେତିକି ଉଦ୍‌ବେଗ ସୃଷ୍ଟି କରିବା ସହ ଅନେକ ଆହ୍ୱାନକୁ ମଧ୍ୟ ସମ୍ମୁଖୀନ ହେବା ପାଇଁ ରାସ୍ତା ତିଆରି କରୁଛି।

କଟକ, ମୋ : ୯୪୩୭୧୬୩୫୨୮

# ସ୍ୱାଧୀନତା ଦିବସ ଓ ଯୁବ ସମାଜର କର୍ତ୍ତବ୍ୟ

## ଡ. ଅମୂଲ୍ୟ କୁମାର ପଣ୍ଡା

"ଯୁବକ ଓ ଯୁବତୀମାନେ ହେଉଛନ୍ତି ଦେଶର ଶକ୍ତି। ଯୁବାବସ୍ଥାରେ ମଣିଷର ଚିନ୍ତାଧାରା, ଶକ୍ତି, ସୃଜନଶୀଳତା ଓ ସାହସ ସର୍ବାଧିକ ଥାଏ। ତେଣୁ ଦେଶର ଭବିଷ୍ୟତ ଗଢ଼ିବାରେ ଯୁବ ସମାଜର ଭୂମିକା ଅତ୍ୟନ୍ତ ବଡ଼। ଆଜିର ଯୁବକ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ହେବା ଉଚିତ ନୁହେଁ; ସେ ନୂଆ ସୁଯୋଗ ସୃଷ୍ଟି କରୁଥିବା ଉଦ୍ୟୋଗୀ, ବୈଜ୍ଞାନିକ, ଶିକ୍ଷକ, କୃଷକ, ଇଞ୍ଜିନିୟର, ଡାକ୍ତର, କଳାକାର, କ୍ରୀଡ଼ାବିତ୍ ଓ ସମାଜସେବୀ ଭାବରେ ଦେଶର ବିକାଶରେ ଯୋଗଦାନ କରିପାରେ। ଆଧୁନିକ ଯୁଗରେ ଜ୍ଞାନ ହେଉଛି ସବୁଠାରୁ ବଡ଼ ଶକ୍ତି। ତେଣୁ ଯୁବ ସମାଜ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ନମ୍ବର ପାଇବାର ମାଧ୍ୟମ ଭାବେ ନ ଦେଖି ଜୀବନକୁ ବୁଝିବା ଓ ସମାଜକୁ ଉନ୍ନତ କରିବାର ମାଧ୍ୟମ ଭାବେ ଗ୍ରହଣ କରିବା ଆବଶ୍ୟକ। ବିଜ୍ଞାନ, ପ୍ରଯୁକ୍ତି, ଇତିହାସ, ସାହିତ୍ୟ, କଳା, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ଜ୍ଞାନ ଆହରଣ କରିବା ଦରକାର।

ସ୍ୱାଧୀନତା ଶବ୍ଦଟି ଭାରତୀୟ ଇତିହାସରେ କେବଳ ଏକ ଶବ୍ଦ ନୁହେଁ, ଏହା ଅସଂଖ୍ୟ ତ୍ୟାଗ, ସଂଘର୍ଷ, ବଳିଦାନ ଓ ଦେଶପ୍ରେମର ଏକ ଅମୂଲ୍ୟ ପରିଣାମ। ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖରେ ଆମେ ସ୍ୱାଧୀନତା ଦିବସ ପାଳନ କରୁ। ୧୯୪୭ ମସିହାର ଏହି ଐତିହାସିକ ଦିନରେ ଭାରତ ଦୀର୍ଘଦିନର ପରାଧୀନତାରୁ ମୁକ୍ତିଲାଭ କରିଥିଲା। ଏହି ସ୍ୱାଧୀନତା ପଛରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଭଗତ ସିଂହ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଳକ, ରାଣୀ ଲକ୍ଷ୍ମୀବାଈଙ୍କ ସମେତ ଅସଂଖ୍ୟ ଜଣା-ଅଜଣା ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ରହିଛି। ଆଜିର ଭାରତର ଯୁବ ସମାଜ ସେହି ସ୍ୱାଧୀନତାର ଉତ୍ତରାଧିକାରୀ। ତେଣୁ ସ୍ୱାଧୀନତା ଦିବସ କେବଳ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ କିମ୍ବା ଉତ୍ସବ ପାଳନର ଦିନ ନୁହେଁ। ଏହା ଆମକୁ ଆମର ଦାୟିତ୍ୱ, କର୍ତ୍ତବ୍ୟ ଓ ଦେଶ ପ୍ରତି ଆମର ଭୂମିକା ସ୍ମରଣ କରାଇଥାଏ। ବିଶେଷକରି ଯୁବ ସମାଜ ପାଇଁ ଏହି ଦିନ ଏକ ନୂଆ ସଂକଳ୍ପ ନେବାର ଦିନ। ଭାରତର ସ୍ୱାଧୀନତା ହଠାତ୍ ମିଳିନଥିଲା। ଦୀର୍ଘ ସମୟ ଧରି ଭାରତୀୟମାନେ ବିଦେଶୀ ଶାସନ ବିରୋଧରେ ସଂଗ୍ରାମ କରିଥିଲେ। କେହି ଅହିଂସାର ପଥ ଅନୁସରଣ କରିଥିଲେ, ଆଉ କେହି ବିପ୍ଳବୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ଅନେକ ଲୋକ କାରାବରଣ କରିଥିଲେ, ନିର୍ଯାତନା ସହିଥିଲେ ଓ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ। ତେଣୁ ଯୁବପିଢ଼ି ବୁଝିବା ଆବଶ୍ୟକ ଯେ ସ୍ୱାଧୀନତା ଏକ ମହାନ ଦାୟିତ୍ୱ। ଦେଶ ସ୍ୱାଧୀନ ହୋଇଛି, କିନ୍ତୁ ଦେଶ ଗଠନର କାର୍ଯ୍ୟ ଏବେ ମଧ୍ୟ ଚାଲିଛି। ଦାରିଦ୍ର୍ୟ, ଅଶିକ୍ଷା, ବେକାରି, ଦୁର୍ନୀତି, ଅନ୍ଧବିଶ୍ୱାସ, ପରିବେଶ ପ୍ରଦୂଷଣ ଓ ସାମାଜିକ ବିଭେଦ ଭଳି ସମସ୍ୟାଗୁଡ଼ିକ ବିରୋଧରେ ଆମକୁ ଲଢ଼ିବାକୁ ପଡ଼ିବ।

ଯୁବକ ଓ ଯୁବତୀମାନେ ହେଉଛନ୍ତି ଦେଶର ଶକ୍ତି। ଯୁବାବସ୍ଥାରେ ମଣିଷର ଚିନ୍ତାଧାରା, ଶକ୍ତି, ସୃଜନଶୀଳତା ଓ ସାହସ ସର୍ବାଧିକ ଥାଏ। ତେଣୁ ଦେଶର ଭବିଷ୍ୟତ ଗଢ଼ିବାରେ ଯୁବ ସମାଜର ଭୂମିକା ଅତ୍ୟନ୍ତ ବଡ଼। ଆଜିର ଯୁବକ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ହେବା ଉଚିତ ନୁହେଁ; ସେ ନୂଆ ସୁଯୋଗ ସୃଷ୍ଟି କରୁଥିବା ଉଦ୍ୟୋଗୀ, ବୈଜ୍ଞାନିକ, ଶିକ୍ଷକ, କୃଷକ, ଇଞ୍ଜିନିୟର, ଡାକ୍ତର, କଳାକାର, କ୍ରୀଡ଼ାବିତ୍ ଓ ସମାଜସେବୀ ଭାବରେ ଦେଶର ବିକାଶରେ ଯୋଗଦାନ କରିପାରେ। ଆଧୁନିକ ଯୁଗରେ ଜ୍ଞାନ ହେଉଛି ସବୁଠାରୁ ବଡ଼ ଶକ୍ତି। ତେଣୁ ଯୁବ ସମାଜ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ନମ୍ବର ପାଇବାର ମାଧ୍ୟମ ଭାବେ ନ ଦେଖି ଜୀବନକୁ ବୁଝିବା ଓ ସମାଜକୁ ଉନ୍ନତ କରିବାର ମାଧ୍ୟମ ଭାବେ ଗ୍ରହଣ କରିବା ଆବଶ୍ୟକ। ବିଜ୍ଞାନ, ପ୍ରଯୁକ୍ତି, ଇତିହାସ, ସାହିତ୍ୟ, କଳା, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ଜ୍ଞାନ ଆହରଣ କରିବା ଦରକାର। ଡିଜିଟାଲ ଯୁଗରେ ଇଣ୍ଟରନେଟ୍ ଓ ପ୍ରଯୁକ୍ତିକୁ ଜ୍ଞାନ ଅର୍ଜନ ଓ ସୃଜନଶୀଳ କାର୍ଯ୍ୟରେ ବ୍ୟବହାର କରିବା ଉଚିତ। ଦେଶପ୍ରେମ କେବଳ ଜାତୀୟ ପତାକା ଧରିବା କିମ୍ବା ଦେଶଭକ୍ତିର ସ୍ଲୋଗାନ ଦେବା ନୁହେଁ। ନିଜ କାର୍ଯ୍ୟକୁ ସତ୍ୟନିଷ୍ଠାର ସହିତ କରିବା ମଧ୍ୟ ଦେଶପ୍ରେମ। ରାସ୍ତାରେ ଅଳିଆ ନ ପକାଇବା, ସରକାରୀ ସମ୍ପତ୍ତିକୁ ନଷ୍ଟ ନ କରିବା, ନିୟମ ମାନିବା, ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ଓ ଦୁର୍ନୀତିରୁ ଦୂରେ ରହିବା ମଧ୍ୟ ଦେଶପ୍ରେମର ଅଂଶ। ଯୁବ ସମାଜ ନିଜ ଜୀବନରେ ଶୃଙ୍ଖଳା, ସତ୍ୟ, ନ୍ୟାୟ ଓ ଦାୟିତ୍ୱବୋଧକୁ ଗ୍ରହଣ କଲେ ଦେଶ ନିଶ୍ଚିତ ଭାବେ ଶକ୍ତିଶାଳୀ ହେବ।

ଭାରତ ବିଭିନ୍ନତାର ଦେଶ। ଏଠାରେ ଅନେକ ଭାଷା, ଧର୍ମ, ଜାତି, ପରମ୍ପରା ଓ ସଂସ୍କୃତିର ଲୋକ ଏକାଠି ବାସ କରନ୍ତି। ଏହି ବିଭିନ୍ନତା ହିଁ ଭାରତର ଶକ୍ତି।



ଯୁବ ସମାଜ ଜାତି, ଧର୍ମ, ଭାଷା ଓ ଅଞ୍ଚଳ ଆଧାରରେ ଭେଦଭାବକୁ ଦୂର କରି ଏକତାରେ ବିବିଧତାର ଆଦର୍ଶକୁ ମଜଭୁତ କରିବା ଆବଶ୍ୟକ। ସୋସିଆଲ୍ ମିଡିଆରେ ଘୃଣା, ମିଥ୍ୟା ଖବର ଓ ଉତ୍ତେଜନାମୂଳକ ବାର୍ତ୍ତା ପ୍ରଚାର ନ କରି ଭାଇଚାରା ଓ ସଦ୍ଭାବର ବାର୍ତ୍ତା ପ୍ରସାର କରିବା ଉଚିତ। ଯୁବାବସ୍ଥା ଜୀବନର ଏକ ମୂଲ୍ୟବାନ ସମୟ। ଏହି ସମୟକୁ ଭୁଲ ଅଭ୍ୟାସରେ ନଷ୍ଟ କରିବା ଉଚିତ ନୁହେଁ। ନିଶା, ହିଂସା, ଅପରାଧ, ଅନଲାଇନ୍ ଠକେଇ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ଯୁବକଙ୍କ ଭବିଷ୍ୟତକୁ ନଷ୍ଟ କରିପାରେ। ଏହା ପରିବର୍ତ୍ତେ ଖେଳ, ପାଠପଢ଼ା, ସାହିତ୍ୟ, ସଙ୍ଗୀତ, କଳା, ବିଜ୍ଞାନ ଓ ସମାଜସେବା ଭଳି ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଦରକାର। ଆଜି ପରିବେଶ ପ୍ରଦୂଷଣ, ଜଙ୍ଗଲ ନଷ୍ଟ, ଜଳ ସଙ୍କଟ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ମାନବ ସମାଜ ପାଇଁ ବଡ଼ ଚ୍ୟାଲେଞ୍ଜ। ଯୁବ ସମାଜ ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ନେଇପାରେ। ଗଛ ଲଗାଇବା, ଜଳ ସଂରକ୍ଷଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଅଳିଆକୁ ଠିକ୍ ଭାବରେ ପରିଚାଳନା କରିବା ଓ ପରିବେଶ ସଚେତନତା ବଢ଼ାଇବା ଆମର ଦାୟିତ୍ୱ। ଆଜିର ଯୁବପିଢ଼ି ପରିବେଶକୁ ସୁରକ୍ଷିତ ରଖିଲେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଭାରତ ଗଢ଼ିପାରିବ। ଆତ୍ମନିର୍ଭରତା ହେଉଛି ଦେଶର ଅର୍ଥନୈତିକ ଶକ୍ତିର ଏକ ମୁଖ୍ୟ ଆଧାର। ଯୁବକମାନେ ନୂଆ ଚିନ୍ତାଧାରା, ଉଦ୍ୟମ ଓ ପ୍ରଯୁକ୍ତି ମାଧ୍ୟମରେ ନୂଆ ରୋଜଗାର ସୃଷ୍ଟି କରିପାରନ୍ତି। କୃଷି, ଶିଳ୍ପ, ହସ୍ତଶିଳ୍ପ, ଷ୍ଟାର୍ଟଅପ୍, ଡିଜିଟାଲ ସେବା ଓ ବିଜ୍ଞାନ-ପ୍ରଯୁକ୍ତି କ୍ଷେତ୍ରରେ ଯୁବମାନଙ୍କ ଅବଦାନ ଦେଶର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିପାରେ। ବର୍ତ୍ତମାନ ସୋସିଆଲ୍ ମିଡିଆ ଯୁବପିଢ଼ିର ଜୀବନର ଏକ ବଡ଼ ଅଂଶ ହୋଇପାରିଛି। ଏହାର ଭଲ ଦିଗକୁ ଗ୍ରହଣ କରି ଶିକ୍ଷା, ଜ୍ଞାନ, ରୋଜଗାର ଓ ସୃଜନଶୀଳତା ପାଇଁ ବ୍ୟବହାର କରିବା ଉଚିତ। କୌଣସି ଖବର ମିଳିଲେ ତାହାକୁ ଯାଞ୍ଚ ନକରି ଅନ୍ୟମାନଙ୍କୁ ପଠାଇବା ଠିକ୍ ନୁହେଁ। ମିଥ୍ୟା ଖବର ସମାଜରେ ଅଶାନ୍ତି ସୃଷ୍ଟି କରିପାରେ। ଯୁବପିଢ଼ି ଡିଜିଟାଲ ମାଧ୍ୟମରେ ଦାୟିତ୍ୱଶୀଳ ନାଗରିକର ଭୂମିକା ପାଳନ କରିବା ଦରକାର।

ଭାରତର ସମ୍ବିଧାନ ଆମକୁ ଅଧିକାର ଦେଇଥାଏ, କିନ୍ତୁ ସେହି ସହିତ ଆମକୁ କର୍ତ୍ତବ୍ୟ ମଧ୍ୟ ଦେଇଛି। ଯୁବ ସମାଜ ଦେଶର ସଂବିଧାନ, ଗଣତନ୍ତ୍ର, ଆଇନ ଓ ନାଗରିକ ମୂଲ୍ୟବୋଧ ପ୍ରତି ସମ୍ମାନ ରଖିବା ଉଚିତ। ନିଜ ଅଧିକାର ପାଇଁ ସଚେତନ ହେବା ସହିତ ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ମଧ୍ୟ ଆବଶ୍ୟକ।

ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଚେତନ ଓ ଦାୟିତ୍ୱଶୀଳ ଭାବରେ ଅଂଶଗ୍ରହଣ କରିବା ଦରକାର। ସ୍ୱାଧୀନତା ଦିବସରେ ଆମେ ଶହୀଦମାନଙ୍କୁ ସ୍ମରଣ କରୁ। କିନ୍ତୁ ସେମାନଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି କେବଳ ଫୁଲମାଳା ଅର୍ପଣ କରିବା ନୁହେଁ। ସେମାନଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଦେଶ ପାଇଁ ସତ୍ୟନିଷ୍ଠ ଭାବରେ କାମ କରିବା, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା, ଦୁର୍ବଳଙ୍କୁ ସାହାଯ୍ୟ କରିବା ଓ ସମାଜର ଉନ୍ନତି ପାଇଁ ନିଜର ଯୋଗଦାନ ଦେବା ହେଉଛି ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଢ଼ିବାର ପଥ। ସ୍ୱାଧୀନତା ଦିବସ ଆମକୁ ଅତୀତର ଗୌରବ ସ୍ମରଣ କରାଇବା ସହିତ ଭବିଷ୍ୟତ ପାଇଁ ନୂଆ ଦାୟିତ୍ୱ ଦେଇଥାଏ। ଆଜିର ଯୁବ ସମାଜ ହେଉଛି ଆସନ୍ତା ଭାରତର ନିର୍ମାତା। ଯୁବପିଢ଼ି ଯେତେ ଶିକ୍ଷିତ, ଦକ୍ଷ, ସଚେତନ, ଶୃଙ୍ଖଳିତ ଓ ଦେଶପ୍ରେମୀ ହେବ, ଭାରତର ଭବିଷ୍ୟତ ସେତେ ଉଜ୍ଜ୍ୱଳ ହେବ। ଆମ ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ଭାରତର ସ୍ୱପ୍ନ ଦେଖିଥିଲେ ଯେ ଏକ ସମୃଦ୍ଧ, ଶିକ୍ଷିତ, ସ୍ୱାବଲମ୍ବୀ, ନ୍ୟାୟପୂର୍ଣ୍ଣ ଓ ଏକତାବଦ୍ଧ ଭାରତ ଆଉ ତାହାକୁ ସାକାର କରିବାର ଦାୟିତ୍ୱ ଆଜିର ଯୁବପିଢ଼ିର। ତେଣୁ ଏହି ସ୍ୱାଧୀନତା ଦିବସରେ ଆମର ବାର୍ତ୍ତା ହେଉ ଯେ ଦେଶ କେବଳ ଆମକୁ କ'ଣ ଦେଇଛି ତାହା ନୁହେଁ, ଆମେ ଦେଶ ପାଇଁ କ'ଣ କରିପାରିବା । ଏହି ଚିନ୍ତା ହିଁ ପ୍ରକୃତ ଦେଶପ୍ରେମ ହୋଇପାରିବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

# ଭାରତୀୟ ନୋଟ୍ ଏବଂ ଗାନ୍ଧୀଙ୍କ ଛବି

## ବିଷ୍ଣୁ ପ୍ରସାଦ ଦାସ

"ଗାନ୍ଧୀଙ୍କ ମହତ୍ତ୍ୱ କୌଣସି ନୋଟ୍‌ର ମୂଲ୍ୟରେ ମାପି ହେବ ନାହିଁ। ତାଙ୍କ ଛବି ନୋଟ୍‌ରେ ରହୁ କି ନ ରହୁ, ତାଙ୍କ ଚିନ୍ତାଧାରା ଯଦି ଆମ ମନରୁ ଅଦୃଶ୍ୟ ହୋଇଯାଏ, ତେବେ ନୋଟ୍‌ରେ ଥିବା ଗାନ୍ଧୀ କେବଳ ଏକ ଛବି ହୋଇ ରହିଯିବେ। ତେଣୁ ଏହି ପ୍ରଶ୍ନକୁ ଭାବନାରେ ନୁହେଁ, ବିବେକରେ ଦେଖିବାର ସମୟ ଆସିଛି । ଜାତିର ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନ କରିବାର ଅର୍ଥ କେବଳ ତାଙ୍କ ଛବିକୁ ସବୁଠାରେ ବ୍ୟବହାର କରିବା ନୁହେଁ; ବରଂ ତାଙ୍କ ଆଦର୍ଶକୁ ସମାଜର ଚରିତ୍ରରେ ପରିଣତ କରିବା । ଗାନ୍ଧୀଙ୍କୁ ସମ୍ମାନ କେବଳ ତାଙ୍କ ଛବିକୁ ନୋଟ୍‌ରେ ଛାପି ଦେଲେ ହୋଇଯାଏ ନାହିଁ । ତାଙ୍କୁ ସତ୍ୟରେ ସମ୍ମାନ କରିବାକୁ ହେଲେ ସତ୍ୟ, ଅହିଂସା, ସହିଷ୍ଣୁତା, ମାନବିକତା ଏବଂ ସାମାଜିକ ସମାନତାର ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ହେବ।

ଭାରତୀୟ କାଗଜ ମୁଦ୍ରା ହାତକୁ ନେଲେ ପ୍ରଥମେ ଯେଉଁ ମହାନ ବ୍ୟକ୍ତିତ୍ୱଙ୍କ ଛବି ଆମ ଦୃଷ୍ଟିକୁ ଆକର୍ଷିତ କରେ, ସେ ହେଉଛନ୍ତି ମହାତ୍ମା ଗାନ୍ଧୀ । ଭାରତର ସ୍ୱାଧୀନତା ଆନ୍ଦୋଳନ, ଅହିଂସା, ସତ୍ୟ ଓ ନୈତିକତାର ପ୍ରତୀକ ଭାବେ ଗାନ୍ଧୀଙ୍କ ସ୍ଥାନ ଅତୁଳନୀୟ । କିନ୍ତୁ ଏକ ପ୍ରଶ୍ନ ଆଜି ଆମ ସମ୍ମୁଖରେ ଠିଆ ହେଉଛି....ଭାରତୀୟ ମୁଦ୍ରାରେ ଗାନ୍ଧୀଙ୍କର ଛବି ରହିବା କ'ଣ ସତରେ ଆବଶ୍ୟକ ? ଏହା କ'ଣ ଅଜାଣତରେ ତାଙ୍କ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁ ନାହିଁକି ? ନୋଟ୍ ହେଉଛି ଦେଶର ଅର୍ଥନୈତିକ ଜୀବନର ଅବିଚ୍ଛିନ୍ନ ଅଂଶ । ଏହା ଦିନକୁ ହଜାର ହଜାର ଲୋକଙ୍କ ହାତ ବଦଳାଏ । ଦୋକାନ, ବଜାର, ରାସ୍ତାଘାଟ, ହସ୍ପିଟାଲ, ଯାତାୟାତ, ଦାନ-ଦକ୍ଷିଣା....ପ୍ରାୟ ସବୁଠି ଏହାର ବ୍ୟବହାର ହୁଏ । ଅର୍ଥାତ୍, ନୋଟ୍‌ର କୌଣସି ନିର୍ଦ୍ଦିଷ୍ଟ 'ସ୍ଥାନ, କାଳ, ପାତ୍ର' ନାହିଁ ।

ଗାନ୍ଧୀଙ୍କ ଛବି ଥିବା ଏକ ନୋଟ୍‌କୁ ଜଣେ ବ୍ୟକ୍ତି ଅତ୍ୟନ୍ତ ସମ୍ମାନର ସହିତ ରଖି ପାରନ୍ତି; ଅନ୍ୟ ଜଣେ ସେହି ନୋଟ୍‌କୁ ଅସମ୍ମାନ ଜନକ ପରିବେଶରେ ବ୍ୟବହାର କରି ପାରନ୍ତି । ନୋଟ୍ ମାଟିରେ ପଡ଼ିପାରେ, ମଇଳା ହୋଇପାରେ, ଛିଣ୍ଡି ପାରେ, ପାଦ ତଳେ ଆସି ପାରେ । ଏପରି ଅନେକ ପରିସ୍ଥିତିରେ ଗାନ୍ଧୀଙ୍କ ଛବି ମଧ୍ୟ ସେହି ନୋଟ୍ ସହିତ ଅସମ୍ମାନର ସ୍ପର୍ଶ ପାଏ । ଅନୈତିକ କାର୍ଯ୍ୟରେ ବ୍ୟବହୃତ ହୁଏ, କଳା ଧନର ସଂଜ୍ଞା ନେଇ ଦେଶର ଅର୍ଥନୀତିକୁ ଦୁର୍ବଳ କରେ । ମୁଦ୍ରା ବିନିମୟର ଏକ ମାଧ୍ୟମ କିନ୍ତୁ ମୁଦ୍ରାକୁ ଜାତିର ପିତାଙ୍କ ଛବି ଦେଇ ଅସମ୍ମାନ କରିବାର ପ୍ରୟାସ ଅନେକ ଦିନରୁ ଚାଲି ଆସିଛି । ଅନ୍ୟ ଦେଶକୁ ଅନୁକରଣ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଗାନ୍ଧୀ ସିରିଜ ପ୍ରଚଳନ କଲେ କିନ୍ତୁ ଅନ୍ୟ ଦେଶରେ ନାଗରିକମାନେ କିପରି ଶୃଙ୍ଖଳିତ ତାହା ବିଚାରକୁ ଆଣିଲେ ନାହିଁ ।

୧୯୬୯ ମସିହାରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ସ୍ୱତନ୍ତ୍ର ସ୍ମାରକୀ ସଂସ୍କରଣରେ ଭାରତୀୟ ମୁଦ୍ରାରେ ପ୍ରଥମ ଥର ପାଇଁ ଗାନ୍ଧିଜୀଙ୍କ ଛବି ସ୍ଥାନିତ ହୋଇ ଥିଲା । ୧୯୯୬ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଆନୁଷ୍ଠାନିକ 'ମହାତ୍ମା ଗାନ୍ଧୀ ସିରିଜ୍' ପ୍ରଚଳନ କରାଯିବା ପର୍ଯ୍ୟନ୍ତ ବ୍ୟାଙ୍କ ନୋଟ୍‌ରେ ତାଙ୍କ ଚିତ୍ର ସ୍ଥାୟୀ ଭାବରେ ସ୍ଥାନ ପାଇ ନଥିଲା । ଏହା ପୂର୍ବରୁ, ୧୯୮୭ ମସିହା ଅକ୍ଟୋବର ମାସରେ ତାଙ୍କ ଚିତ୍ର ସମ୍ବଳିତ ଏକ ୫୦୦ ଟଙ୍କିଆ ନୋଟ୍ ମଧ୍ୟ ଜାରି କରାଯାଇଥିଲା । ଠିକ ଅଛି ଜାତିର ପିତାଙ୍କୁ କାଗଜ ନୋଟରେ ସ୍ଥାନିତ କରନ୍ତୁ । କିନ୍ତୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ନିୟମ ପ୍ରଣୟନ କରିବାର ସମୟ ଉପନୀତ । ଥାଇଲ୍ୟାଣ୍ଡ ଉତ୍ତର କୋରିଆ ଇତ୍ୟାଦି ଦେଶରେ ନୋଟ ଗୁଡିକୁ ଯଦି ଅସମ୍ମାନ କରାଯାଏ ତେବେ କଠୋର ଦଣ୍ଡର ପ୍ରାବଧାନ ଅଛି । କିନ୍ତୁ ଆମ ଦେଶରେ ସେପରି କିଛି ଦେଖିବାକୁ ମିଳେ ନାହିଁ, ଯଦି ଥିବ ତେବେ ଫାଇଲ ଭିତରେ ଥିବା ।

ଗୁଣୀ, ଜ୍ଞାନୀ ତଥା ସରକାରଙ୍କ କହିବା କଥା ...ନୋଟ୍‌ରେ ଗାନ୍ଧୀଙ୍କ ଛବି ଛାପିବାର ଉଦ୍ଦେଶ୍ୟ ତାଙ୍କୁ ଅପମାନିତ କରିବା ନୁହେଁ; ବରଂ ତାଙ୍କ ଐତିହାସିକ ଅବଦାନ ଓ ଜାତୀୟ ଜୀବନରେ ତାଙ୍କର ପ୍ରତୀକାତ୍ମକ ସ୍ଥାନକୁ ସ୍ମରଣ କରିବା । ମୁଦ୍ରା ହେଉଛି ରାଷ୍ଟ୍ରର ପରିଚୟର ଏକ ମାଧ୍ୟମ ଏବଂ ଗାନ୍ଧୀଙ୍କ ଛବି ଏହି ମାଧ୍ୟମରେ ତାଙ୍କ ଆଦର୍ଶକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବାର ଏକ ପ୍ରତୀକ ମଧ୍ୟ ହୋଇ ପାରେ । କିନ୍ତୁ ପୁନଶ୍ଚ ମନରେ ପ୍ରଶ୍ନ ଉଙ୍କି ମାରେ ... ଜାତିର ମହାନ ବ୍ୟକ୍ତିତ୍ୱମାନଙ୍କ ଛବି କେଉଁଠି, କିପରି ଏବଂ କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେବ...ତାହା କିଏ ନିର୍ଣ୍ଣୟ ନେବେ ? ଏହି ବିଷୟକୁ ନେଇ ନିଶ୍ଚିତ ଭାବରେ ଏକ ସୁସ୍ଥ ସାମାଜିକ ଆଲୋଚନା ହେବା ଦରକାର । କାରଣ, ଗାନ୍ଧୀଙ୍କୁ ସମ୍ମାନ କେବଳ ତାଙ୍କ ଛବିକୁ ନୋଟ୍‌ରେ ଛାପି ଦେଲେ ହୋଇଯାଏ ନାହିଁ । ତାଙ୍କୁ ସତ୍ୟରେ ସମ୍ମାନ କରିବାକୁ ହେଲେ ସତ୍ୟ, ଅହିଂସା, ସହିଷ୍ଣୁତା, ମାନବିକତା ଏବଂ ସାମାଜିକ ସମାନତାର ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ହେବ।




ଏଠାରେ ଆଉ ଏକ ବିଡ଼ମ୍ବନା ରହିଛି। ଯେଉଁ ଗାନ୍ଧୀ ସାରା ଜୀବନ ଧନ, ଭୋଗ ବିଳାସ, ଅତ୍ୟଧିକ ସମ୍ପତ୍ତି ପ୍ରତି ଅନାସକ୍ତିର ବାର୍ତ୍ତା ଦେଇଥିଲେ, ଆଜି ତାଙ୍କ ମୁହଁ ହିଁ ଟଙ୍କାର ପ୍ରତୀକ ହୋଇଯାଇଛି । ତାଙ୍କ ଛବି ଥିବା ନୋଟ୍‌କୁ ନେଇ ଆମେ ଲାଭ-କ୍ଷତିର ହିସାବ କରୁଛୁ, ବ୍ୟବସାୟ କରୁଛୁ, ଦରଦାମ କରୁଛୁ। ଏହା କେବଳ ଏକ ପ୍ରତୀକାତ୍ମକ ବିରୋଧାଭାସ ନୁହେଁ କି ? ଗାନ୍ଧୀଙ୍କ ମହତ୍ତ୍ୱ କୌଣସି ନୋଟ୍‌ର ମୂଲ୍ୟରେ ମାପି ହେବ ନାହିଁ। ତାଙ୍କ ଛବି ନୋଟ୍‌ରେ ରହୁ କି ନ ରହୁ, ତାଙ୍କ ଚିନ୍ତାଧାରା ଯଦି ଆମ ମନରୁ ଅଦୃଶ୍ୟ ହୋଇଯାଏ, ତେବେ ନୋଟ୍‌ରେ ଥିବା ଗାନ୍ଧୀ କେବଳ ଏକ ଛବି ହୋଇ ରହିଯିବେ। ତେଣୁ ଏହି ପ୍ରଶ୍ନକୁ ଭାବନାରେ ନୁହେଁ, ବିବେକରେ ଦେଖିବାର ସମୟ ଆସିଛି । ଜାତିର ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନ କରିବାର ଅର୍ଥ କେବଳ ତାଙ୍କ ଛବିକୁ ସବୁଠାରେ ବ୍ୟବହାର କରିବା ନୁହେଁ; ବରଂ ତାଙ୍କ ଆଦର୍ଶକୁ ସମାଜର ଚରିତ୍ରରେ ପରିଣତ କରିବା । ତେଣୁ ଗାନ୍ଧୀଙ୍କୁ ନୋଟ୍‌ରେ ଖୋଜିବା ପୂର୍ବରୁ....ଆସନ୍ତୁ ନିଜ ବିବେକରେ ଗାନ୍ଧୀଙ୍କୁ ଖୋଜିବା ।

କଟକ
ମୋ:୯୯୩୭୧୭୪୦୯୭

# ବେଆଇନ ବାଲି ଚାଲାଣ ଅଭିଯୋଗରେ ହାଇୱା ଜବତ

ପାରଳାଖେମୁଣ୍ଡି,୧୪।୮ (ନିପ୍ର):ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅଧୀନସ୍ଥ ଲିଙ୍ଗିପୁର ଗ୍ରାମ ପାର୍ଶ୍ୱରୁ ଗଣ୍ଡାହାତୀ ଗ୍ରାମ ଆଡକୁ ବେଆଇନ ବାଲି ବୋଝେଇ ହାଇୱା ଆସୁଥିବା ଖବର ପାଇ ଗାରାବନ୍ଧ ଥାନା କର୍ମଚାରୀ ସଦଳବଳେ ହରିଶ୍ଚନ୍ଦ୍ରପୁର ଛକ ଠାରେ ବାଲି ବୋଝେଇ ଟ୍ରକ (ଏପି-୩୯-ଡବ୍ଲୁୟୁକେ-୧୮୫୯)କୁ ଅଟକାଇ ଥିଲେ। ଡ୍ରାଇଭର ସୁମନ ମାରାପୁ ୨୬ ବର୍ଷ,ଓ ତାଙ୍କ ସହଯୋଗୀ ଅନିଲ କୁମାର ଖଟୁଆଲ ୩୩ ଗ୍ରାମ-ଜୟରାମ ଚନ୍ଦ୍ରପୁର, ପିଏସ୍-କାସିବୁଗା, ଜିଲ୍ଲା-ଶ୍ରୀକାକୁଲମ (ଏପି) ଯାଞ୍ଚ ବେଳେ ଡ୍ରାଇଭର ଏବଂ ମାଲିକ ବାଲି କ୍ରୟ ଓ ପରିବହନର କୌଣସି ବୈଧ ଟ୍ରାଞ୍ଜିଟ୍ ପାସ୍, ୱାଇ-ଫର୍ମ କିମ୍ବା ଆଇନଗତ କାଗଜପତ୍ର ଦେଖାଇ ପାରିନଥିଲେ। ଡ୍ରାଇଭରଙ୍କୁ ପଚରାଉଚରା କରିବାରୁ ପ୍ରକାଶ କରିଥିଲେ ଯେ, ସେ ତାଙ୍କ ଗାଡ଼ି ମାଲିକଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ପ୍ରୋତ୍ସାହନରେ ଏକ ସମନ୍ୱିତ ଗୋଷ୍ଠୀର ଅଂଶ ଭାବରେ କାର୍ଯ୍ୟ କରୁଥିଲେ। ମାଲିକ, ଡ୍ରାଇଭର ଏବଂ ଅନ୍ୟାନ୍ୟ ସ୍ଥାନୀୟ ଠିକାଦାରମାନଙ୍କର ନଦୀ ପଠାରୁ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ଏମାନଙ୍କ ବିରୋଧରେ ଗାରାବନ୍ଧ ଥାନାରେ ମାମଲା ଦରଜ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଯୋଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ କେସିସିଏଲର ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୪।୮ (ନିପ୍ର): ଜାତୀୟସ୍ତରୀୟ ଯୋଗ ପ୍ରତିଯୋଡିତରେ ଯୋଗ ଦେବାପାଇଁ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ଲିମିଟେଡ଼ ପକ୍ଷରୁ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କୃତୀ ପ୍ରତିଯୋଗୀମାନେ ହେଉଛନ୍ତି ରାଜ୍ୟ ସ୍ତରରେ ପ୍ରଥମ ହୋଇଥିବା କେନ୍ଦ୍ରାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅପର୍ଣ୍ଣା ମହାନ୍ତ, ଦ୍ୱିତୀୟ ସ୍ଥାନରେ ସେଣ୍ଟ ଜାଭିୟର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ସାହୁ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଶ୍ରୀକୃଷ୍ଣ ମଣ୍ଡଳ। ଏହି ପ୍ରତିଯୋଗୀମାନେ କେନ୍ଦ୍ରାପଡ଼ା ଶ୍ରୀ ଯୋଗ ବେଦାନ୍ତ କଳା ନିକେତନରୁ ପ୍ରଶିକ୍ଷଣ ନେଇ ଏହି ସଫଳତା ହାସଲ କରିଛନ୍ତି। ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ସୋସାଇଟିର ସଭାପତି ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ କହିଲେ ଯେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କଲେ ସେମାନେ ଆଗକୁ ବଢିବା ପାଇଁ ଉତ୍ସାହ ପାଇଥାନ୍ତି।

ଏହି ତିନି ଜଣ କୃତୀ ପ୍ରତିଯୋଗୀ କେନ୍ଦ୍ରାପଡ଼ା ଜିଲା ଏବଂ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ। ସେମାନଙ୍କୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ପୁଣି ଧସିଲା କାନୁପୁର ନଦୀବନ୍ଧ: ନିର୍ମାଣ ଗୁଣବତ୍ତାକୁ ନେଇ ଉଠିଲା ପ୍ରଶ୍ନ

ଚମ୍ପୁଆ,୧୪।୮ (ନିପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାର ପ୍ରଭାବରେ ପୁଣି ଧସିଛି କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପର ମାଟି ବନ୍ଧ । ମାଟି ବନ୍ଧ ଧସିବା ଘଟଣା ସାମ୍ନାକୁ ଆସିବା ପରେ ପ୍ରକଳ୍ପର ବନ୍ଧର ସ୍ଥାୟୀତ୍ୱ ଓ ନିର୍ମାଣ ଗୁଣବତ୍ତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ପ୍ରକଳ୍ପ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବନ୍ଧର ଧସିଥିବା ଅଞ୍ଚଳକୁ ନିରୀକ୍ଷଣ କରିଛନ୍ତି । ବର୍ଷା ଯୋଗୁଁ ମାଟି ଦୁର୍ବଳ ହୋଇ ଏପରି ଧସିଛି ନା ନିର୍ମାଣ କାର୍ଯ୍ୟରେ କୌଣସି ତ୍ରୁଟି ରହିଛି କିମ୍ବା ଅନ୍ୟ କୌଣସି କାରଣରୁ ଏମିତି ଘଟିଛି ସେନେଇ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗତବର୍ଷ ମଧ ଲଗାଣ ବର୍ଷା ସମୟରେ ପ୍ରକଳ୍ପରେ ମାଟି ବନ୍ଧ ଧସିବା ଭଳି ସମାନ ଘଟଣା ଘଟିଥିଲା। ଏହାପରେ ବନ୍ଧର ଧସିଥିବା ଅଂଶକୁ ମରାମତି କରାଯାଇଥିଲା । କିଛିଦିନ ପୂର୍ବେ ମରାମତି କାର୍ଯ୍ୟ ହୋଇଥିବା ସତ୍ତ୍ୱେ ପୁଣି ଥରେ ଅନ୍ୟ ଏକ ଜାଗାରେ ମାଟି ବନ୍ଧ ଧସିବା ଘଟଣା ପ୍ରକଳ୍ପର ସ୍ଥାୟୀତ୍ୱକୁ ନେଇ ଚିନ୍ତା ବଢ଼ାଇଛି। ବର୍ଷା ଆସିଲେ ବନ୍ଧ ଧସିବା ଓ ପରେ ମରାମତି କରାଯିବାର ଏହି ଧାରାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ ଅସନ୍ତୋଷ ଦେଖାଦେଇଛି । ବନ୍ଧ ନିର୍ମାଣ ସମୟରେ ମାଟିର ଗୁଣବତ୍ତା, ମାଟି ପକାଇବା ଓ ଦବାଇବା ପ୍ରକ୍ରିୟା, ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଆବଶ୍ୟକ ପ୍ରାଯୁକ୍ତିକ ମାନଦଣ୍ଡ ପାଳନ କରାଯାଇଛି କି ନାହିଁ ତାହା ନେଇ ସ୍ୱଚ୍ଛ ତଦନ୍ତର ଆବଶ୍ୟକତା ରହିଛି । ନଚେତ ଆଗାମୀ ଦିନରେ ଅଧିକ ବର୍ଷା ହେଲେ ପରିସ୍ଥିତି ଆହୁରି ଗୁରୁତର ହେବାର ଆଶଙ୍କା ରହିଛି । କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଅଞ୍ଚଳବାସୀଙ୍କ ପାଇଁ ଏକ ବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ତେଣୁ ଏହାର ବନ୍ଧ ନିର୍ମାଣର ଗୁଣବତ୍ତା ଓ ସୁରକ୍ଷାକୁ ନେଇ କୌଣସି ପ୍ରକାର ଅବହେଳାର ସୁଯୋଗ ନାହିଁ । ବାରମ୍ବାର ବନ୍ଧ ଧସିବା ଘଟଣାର ବୈଜ୍ଞାନିକ ଓ ପ୍ରାଯୁକ୍ତିକ ଯାଞ୍ଚ କରାଯାଇ ଦାୟିତ୍ୱ ନିର୍ଦ୍ଧାରଣ ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି । ଏହି ଘଟଣା ପରେ ପ୍ରକଳ୍ପ ଅଧିକାରୀଙ୍କ ଚିନ୍ତା ବଢ଼ିଥିବା ବେଳେ ବନ୍ଧର ଦୀର୍ଘସ୍ଥାୟୀ ସୁରକ୍ଷାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି ।



# ରମ୍ଭାରେ ପ୍ରତି ଘର ତ୍ରିରଙ୍ଗା ଶୋଭାଯାତ୍ରା

ରମ୍ଭା,୧୪।୮ (ନିପ୍ର): ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସ୍ୱାଧୀନ ଚିନ୍ତାଧାରା, ଦେଶପ୍ରେମ, ଜାତିପ୍ରେମକୁ ଉଦ୍‌ବୋଧ କରିବା ପାଇଁ ୧୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୮୦ ତମ ସ୍ୱାଧୀନତା ଦିବସର ଅବ୍ୟବହୃତ ପୂର୍ବରୁ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଅଛି । ଏହି ଅବସରରେ ଏକ ବିଶାଳ ତ୍ରିରଙ୍ଗା ସହ ଅପରାହ୍ନରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ରମ୍ଭା ଏନ ଏ ସି ପକ୍ଷରୁ ମହିଳା, ପୁରୁଷ, ସ୍ୱେଚ୍ଛାସେବୀ, ଶିକ୍ଷାବିତ, ବୁଦ୍ଧିଜୀବୀ, ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଏନ ସି ସି, ସ୍କାଉଟ,ଛାତ୍ର ଛାତ୍ରୀ ତ୍ରିରଙ୍ଗା ପତାକା ଧରି ରମ୍ଭା ଏନ. ଏ ସି ଠାରୁ ଆଖଣ୍ଡଳମଣି ମନ୍ଦିର ପର୍ଯ୍ୟନ୍ତ ଦେଶାତ୍ମକବୋଧକ ନାରାଦେଇ ବଜାର ପରିକ୍ରମା ନିର୍ଦ୍ଦିଷ୍ଟ ଜାଗାରେ ପହଞ୍ଚିଥିଲେ। କିଛି ସମୟ ପାଇଁ ରମ୍ଭା ସହର ତ୍ରିରଙ୍ଗାମୟ ହୋଇଯାଇଥିଲା। ଏହି ଶୋଭାଯାତ୍ରାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅଧ୍ୟକ୍ଷା ମାନସୀ ସ୍ୱାଇଁ, କାହ୍ନା ସ୍ୱାଇଁ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡତ୍ୟା, ବିଜେପି ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ବିବେକାନନ୍ଦ ପଟ୍ଟନାୟକ, ରାଜା ପଟ୍ଟନାୟକ, ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ମହେଶ୍ୱର ବେହେରା, ସହ ଏନଏସି କର୍ମଚାରୀ ଡ଼. ସରୋଜ ଦାଶ, ସର୍ବନାମ ଦାଶ, ଦୀପକ କୁମାର ବିଶୋୟୀ, ହେମନ୍ତ ରାଉତ, ଢ଼ିକାଲା ଲୋଖେଶ୍ୱରୀ, ମନୋଜ କୁମାର ସେନାପତି, ମନୋଜ ପାଇକରାୟ, ପ୍ରଶାନ୍ତ ନାୟକ, ନିରଞ୍ଜନ ନାୟକ, କାଉନସିଲର, ସ୍ୱଚ୍ଛ ସାଥି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହିତ ଗ୍ରାମବାସୀ ସାମିଲ ହୋଇଥିଲେ ।

# ଚାଷ କାମ ହେଲା କାଳ: ହିଂସ୍ର ଭାଲୁ ଆକ୍ରମଣରେ ରକ୍ତାକ୍ତ ଚାଷୀ

ରେଢ଼ାଖୋଲ,୧୪।୮ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ କୁସୁମବାହାଲୀ ଗାଁରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ କୁସୁମ ବାହାଲୀ ଗାଁ ର ପଞ୍ଚାନନ ବେହେରା (୪୫) । ସୂଚନାଯୋଗ୍ୟ ଯେ ଶୁକ୍ରବାର ସକାଳୁ ଉଠି ବ୍ୟକ୍ତି ଜଣଙ୍କ ନିଜ ଚାଷଜମିକୁ ଚାଷ କାମ ପାଇଁ ଯାଇଥିଲେ । ସେଠାରେ କାମ କରୁଥିବା ସମୟରେ ଚାଷଜମି ସଂଲଗ୍ନ ଜଙ୍ଗଲ ମଧ୍ୟରୁ ହଠାତ୍ ଏକ ହିଂସ୍ର ଭାଲୁ ବାହାରି ଆସି ତାଙ୍କ ଉପରକୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ ମୁହଁ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି ସ୍ଥାନୀୟ ଲୋକେ ଓ ବନ ବିଭାଗ ଘଟଣା ସମ୍ପର୍କରେ ଜାଣିବା ପରେ ୧୦୮ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରି ତୁରନ୍ତ ରେଢ଼ାଖୋଲ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ତାଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିବା ବେଳେ, ଜଙ୍ଗଲ ବିଭାଗ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବା ସହ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଚୋରା ଚାଲାଣ ବେଳେ ୩ ଷଣ୍ଢ ଜବତ

ଭାପୁର,୧୪/୦୮(ନିପ୍ର): ଫତେଗଡ଼ ଥାନା ଅଞ୍ଚଳରୁ ଗୁରୁବାର ରାତିରେ ୩ ଗୋଟି ଷଣ୍ଢ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ପହଞ୍ଚି ଏକ ମଟର ସାଇକେଲ,ପିକଅପ ଭ୍ୟାନ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରିଛି ଏବଂ ଦୁଇ ଜଣ ଫେରାର ହୋଇ ଯାଇଛନ୍ତି। ଘଟଣାରୁ ପ୍ରକାଶ, ବିଶ୍ୱସ୍ତସୂତ୍ରରୁ ଖବର ପାଇ ଫତେଗଡ଼ ପୋଲିସ ପଦ୍ମାବତୀ ଗ୍ରାମ ନିକଟରେ ଛକି ରହିଥିବାବେଳେ ଏକ ପିକଅପ ଭ୍ୟାନରେ ୩ ଗୋଟି ଷଣ୍ଢ ଲଦା ହୋଇ ଯାଉଥିଲେ। ଏହା ଦେଖି ପୋଲିସ ଭ୍ୟାନ କୁ ଅଟକାଇ ୩ ଗୋଟି ଷଣ୍ଢ ଓ ଭ୍ୟାନକୁ ଜବତ କରି ଥାନାକୁ ଆଣିଥିଲେ। ପୋଲିସ ଭ୍ୟାନ ସହିତ ଏକ ମଟର ସାଇକେଲରେ ଯାଉଥିବା ଷଣ୍ଢ ଚାଲାଣ ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଧ ଗିରଫ କରିଥିବାବେଳେ ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ପୋଖରୀରେ ବୁଡି ବୃଦ୍ଧ ମୃତ

ଭାପୁର,୧୪/୦୮(ନିପ୍ର)ଫତେଗଡ଼ ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମର ଲକ୍ଷ୍ମଣ ନାୟକ (୮୫) ସ୍ନାନ ଓ଼ ଶୌଚ ଆଦି କାର୍ଯ୍ୟ କରିବା ପାଇଁ ଶୁକ୍ରବାର ସକାଳ ସମୟରେ ମହାଦେବଙ୍କ ପୋଖରୀକୁ ଯାଇଥିଲେ। ସ୍ନାନ କରୁଥିବା ସମୟରେ ପାହାଚ ରୁ ଗୋଡ଼ ଖସି ଯିବାରୁ ଗଭୀର ପାଣି କୁ ଯାଇ ବୁଡ଼ିଯାଇଥିଲେ। ସେଠାରେ ଗାଧୋଉଥିବା ଲୋକମାନେ ଏହା ଦେଖି ଖୋଜାଖୋଜି କରିବାରୁ ପାଇନଥିଲେ ଫଳରେ ଭାପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳ ରେ ପହଞ୍ଚି ବୃଦ୍ଧଙ୍କୁ ପାଣିରୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କାର୍ଯ୍ୟରତ ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରି ଭାପୁର ଆଉଟ ପୋଷ୍ଟକୁ ଖବର ଦେବାପରେ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ପଠେଇ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସ୍ଥିତି ସମ୍ପର୍କିତ ରାଜନୈତିକ ପ୍ରତିନିଧିଙ୍କ ସହ ବୈଠକ

କଟକ,୧୪।୮(ନିପ୍ର):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟ ଅଗ୍ରଗତି ଓ ସ୍ଥିତି ସମ୍ପର୍କିତ ଆଲୋଚନା ହୋଇଥିଲା । ଖାରଜ ହୋଇଥିବା ଫର୍ମ, ପରିବର୍ତ୍ତିତ ତାରିଖ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥଲା । ଦୈନନ୍ଦିନ ଯାଞ୍ଚ ପୂର୍ବକ ତଥ୍ୟ ଆନୁଯାୟୀ ଭୋଟର ତାଲିକାରେ ପ୍ରଥମ ଥର ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଫର୍ମ -୬, କାରଣ ବଶତଃ ଭୋଟର ତାଲିକାରୁ ବାଦ ନିମନ୍ତେ ଫର୍ମ-୭, ନାମ, ଠିକଣା,ବୟସ ଆଦି ସଂଶୋଧନ ନିମନ୍ତେ ଫର୍ମ-୮ ଏବଂ ଏହାର ପ୍ରତିବେଦନ (ରିପୋର୍ଟ) ପାଇଁ ଫର୍ମ ୯,୧୦,୧୧ ସମ୍ବନ୍ଧରେ ଆଲୋଚନା କରାଯାଇ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଦସ୍ତାବିଜ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା, ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ତାଲିକାରୁ ବାଦ ଦିଆଯିବା ସହ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ କଟକ ସଦର ନିର୍ବାଚନ ପଂଜିକରଣ ଅଧିକାରୀ କମଳଜିତ୍ ଦାସ ଉପସ୍ଥିତ ରହି ଏ ସମ୍ବନ୍ଧୀୟ ସମସ୍ତ ଟିପ୍ପଣୀ ପ୍ରସ୍ତୁତି ସହ ସୂଚନା ପ୍ରଦାନ କରିଥିଲେ । ବୈଠକରେ ସାଲେପୁର ପାଇଁ ନିୟୋଜିତ ହୋଇଥିବା ନିର୍ବାଚନ ପଂଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ, ଚୌଦ୍ୱାର କଟକ ପାଇଁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତିରଞ୍ଜ ଦେଓ, ଆଠଗଡ ପାଇଁ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ପାଇଁ ମନସ୍ୱିନୀ ଦାସ, ନିଆଳି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଦେବାଶିଷ ମହାପାତ୍ର, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂ ବଡ଼ମ୍ବା ପାଇଁ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ବରେନ୍ଦୁ ମହାନ୍ତି, ଡେପୁଟୀ କଲେକ୍ଟର (ନିର୍ବାଚନ) ଅମ୍ଳାନ ଅପରାଜିତା ମିଶ୍ର ସଂଯୋଜନା ପୂର୍ବକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



# ନିଶାମୁକ୍ତି ସହ ସାଇବର ସୁରକ୍ଷା ସଚେତନତା

ଭବାନୀପାଟଣା, ୧୪/୮ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ପ୍ରଜାପତୀ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଶାଖାର ସହଯୋଗ ପ୍ରଚେଷ୍ଟାରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଯୁବକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ନିଶାମୁକ୍ତି କାର୍ଯ୍ୟକ୍ରମର ସନ୍ଦେଶ ଦେଇଥିବା ବେଳେ ବିକେ ଶଷି, ବିକେ ଦୁହ୍ମଣୀ, ଡା. ଜୟନ୍ତିବାଳା, ବିକେ ବିକାଶ, ମହେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦାନ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ମହତ୍ତ୍ୱ ସଂପର୍କରେ ଯୁବ ଛାତ୍ରଛାତ୍ରୀମାନଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ସେହିଭଳି ଭାବେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅନ୍ତର୍ଗତ ଓଡ଼ିଶା ପୋଲିସ ଅପରାଧ ଓ ସାଇବର ସୁରକ୍ଷା ଶାଖା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଭାଷି ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ଯୁବକ ଯୁବତୀମାନଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଅପରାଧ ଶାଖା ବିନୟତୋଷ ମିଶ୍ର, ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗ କମିଶନର୍ ତଥା ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର୍ ତଥା ସଚିବ ଡ. ଏନ୍. ଥିରୁମାଲା ନାଏକ ଏଥିରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଗୁଡିକୁ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଅଫିସର ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଅଧିକାରୀ ପୁରୀତ ରଣା, ଫାଲଗୁନୀ ପ୍ରଧାନୀ, ମହିମା ଖାତୁନ ପ୍ରମୁଖ ସହଯୋଗ କରିଥିଲେ।



# ତ୍ରିରଙ୍ଗା ଆମ ଦେଶର ଗର୍ବ, ଗୌରବର ପରିଚୟ ଓ ସମ୍ମାନର ପ୍ରତୀକ: ସମବାୟ ମନ୍ତ୍ରୀ

ଯାଜପୁର,୧୪।୮ (ନିପ୍ର): ସ୍ୱାଧୀନତା ଦିବସ ଏବଂ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଯାଜପୁର ସହରସ୍ଥିତ ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇଥିଲା। ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସମାଜସେବୀ ଗୌତମ ରାୟ, ଶ୍ରୀମତୀ ଦେବଯାନୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ। ତ୍ରିରଙ୍ଗା ଯାତ୍ରା ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ବାହାରି ରେଡକ୍ରସ ଛକ ଓ ମେଡିକାଲ ଛକ, ଗାନ୍ଧିଛକ ଦେଇ ସଂସ୍କୃତି ଭବନ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଅବସରରେ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ସଂସ୍କୃତି ଭବନ ପରିସରରେ ଥିବା ଡଃ ବାବା ସାହେବ ଆମ୍ବେଦକରଙ୍କ ସମେତ ସେଠାରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ବିଶାଳ ତ୍ରିରଙ୍ଗା ଯାତ୍ରାରେ ତିନି ହଜାରରୁ ଊର୍ଦ୍ଧ୍ୱ ଜିଲ୍ଲାବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନସିସି, ଏନଏସଏସ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟିର ସଦସ୍ୟ, ମହିଳା ଓ ସାଧାରଣ ଜନତା ତ୍ରିରଙ୍ଗା ଧରି ଦେଶଭକ୍ତିର ଭାବନାରେ ଯାତ୍ରାରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ସୈନିକମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ ଯେ, ପ୍ରଭୁ ଶ୍ରୀରାମଙ୍କ ପୁଣ୍ୟପୀଠରୁ ଆଜିର ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି। ଦେଶର ସ୍ୱାଧୀନତା ପାଇଁ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଓ ଆତ୍ମବଳିଦାନକୁ ସ୍ମରଣ କରି ଆମେ ଜାତୀୟ ପତାକା ତ୍ରିରଙ୍ଗାକୁ ସମ୍ମାନ ଦେବା ଆବଶ୍ୟକ। ତ୍ରିରଙ୍ଗା ଆମ ଦେଶର ଗର୍ବ, ଗୌରବ ର ପରିଚୟ ଓ ସମ୍ମାନର ପ୍ରତୀକ। ତେଣୁ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାବାସୀଙ୍କୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ଦେବା ସହ ସଚେତନ ନାଗରିକ ଭାବେ ଜାତୀୟ ପତାକା ତ୍ରିରଙ୍ଗା ପ୍ରତି ସର୍ବଦା ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ।

# 'ହର ଘର ତ୍ରିରଙ୍ଗା': ବାହାରିଲା ବିଶାଳ ବାଇକ୍ ରାଲି

ପାରଳାଖେମୁଣ୍ଡି,୧୪।୮ (ନିପ୍ର): 'ହର ଘର ତ୍ରିରଙ୍ଗା–୨୦୨୬' ଅଭିଯାନ ଉପଲକ୍ଷେ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଭବ୍ୟ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ରାଲି ଉତ୍ସବମୁଖର ପରିବେଶରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ବିଶାଳ ରାଲିର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୋହନା ଦାଶରଥୀ ଗମାଙ୍ଗ ଯୋଗଦେଇ ତ୍ରିରଙ୍ଗା ବାଇକ୍ ରାଲିକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ରା ହୋନାନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ ଫଲଗୁନୀ ମାଝୀ, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକାରେ ସଜ୍ଜିତ ଶତାଧିକ ବାଇକ୍ ସହ ରାଲିଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପାରଳାଖେମୁଣ୍ଡି ସହରର ପରିକ୍ରମା କରି ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମାପ୍ତ ହୋଇଥିଲା। ଏହି ଭବ୍ୟ ତ୍ରିରଙ୍ଗା ଯାତ୍ରାରେ ୧ ହଜାରରୁ ଅଧିକ ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇ ଜାତୀୟ ପତାକା ପ୍ରତି ଅପୂର୍ବ ଉତ୍ସାହ ଓ ସମ୍ମାନ ପ୍ରଦର୍ଶନ କରିଥିଲେ। ସମଗ୍ର ପାରଳାଖେମୁଣ୍ଡି ସହର 'ତ୍ରିରଙ୍ଗା'ର ରଙ୍ଗରେ ରଙ୍ଗୀନ ହୋଇ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରତିଫଳିତ କରିଥିଲା। 'ହର ଘର ତ୍ରିରଙ୍ଗା' ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ନାଗରିକଙ୍କ ମନରେ ଜାତୀୟ ପତାକା ପ୍ରତି ସମ୍ମାନ, ଦେଶଭକ୍ତି ଓ ଜାତୀୟ ଏକତାର ଭାବନାକୁ ଆହୁରି ସୁଦୃଢ଼ କରିବା। ଆଜିର ଏହି ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ରାଲି ମାଧ୍ୟମରେ ଗଜପତିବାସୀ ଦେଶର ଗୌରବମୟ ଜାତୀୟ ପତାକା ପ୍ରତି ନିଜର ସମ୍ମାନ ଓ ଦେଶପ୍ରେମର ଭାବନାକୁ ପ୍ରକାଶ କରିବା ସହ ଜାତୀୟ ଏକତାର ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ।

# ଧର୍ମଗଡ଼ରେ ଜନଶୁଣାଣି ସହ ସ୍ୱାସ୍ଥ୍ୟ ପରୀକ୍ଷା

ଧର୍ମଗଡ଼,୧୪।୮(ନିପ୍ର): ୮୦ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଧର୍ମଗଡ଼ ଉପଖଣ୍ଡରେ ଉପଜିଲ୍ଲାପାଳ ମିସ୍ ପ୍ରେକ୍ଷ୍ୟା ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମେଗା ଜନଶୁଣାଣି, ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଜନଶୁଣାଣି କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଖଣ୍ଡ ଅଧୀନ ସମସ୍ତ ତହସିଲଦାର, ବିଡିଓ, ସିଡିପିଓଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଆବେଦନ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇ ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୧୫୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶେଷ ଭାବେ ଧର୍ମଗଡ଼ ଏନ୍‌ଏସିର ସମସ୍ତ ସଫେଇ କର୍ମଚାରୀଙ୍କୁ ମଧ ଏହି ସ୍ୱାସ୍ଥ୍ୟ ପରୀକ୍ଷାରେ ସାମିଲ କରାଯାଇଥିଲା।ଅନୁଷ୍ଠିତ ରକ୍ତଦାନ ଶିବିରରେ ଜନସାଧାରଣ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଶିବିରରୁ ମୋଟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ଅନ୍ୟମାନଙ୍କ ଜୀବନ ରକ୍ଷାରେ ସହଯୋଗ କରିବା ପାଇଁ ଉପସ୍ଥିତ ସ୍ଥିତ ରକ୍ତଦାତାମାନେ ଆଗେଇ ଆସିଥିଲେ।ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସଫଳ ଆୟୋଜନ କରିଥିଲେ। ବିଭିନ୍ନ ବିଭାଗର ଅଧିକାର ସ୍ୱାସ୍ଥ୍ୟ ବିଭା ବିଭାଗର କର୍ମଚାରୀ, ସଫେଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଜନସାଧାରଣଙ୍କ ସମସ୍ୟା ଶୁଣିବା, ସେମାନଙ୍କୁ ତ୍ୱରିତ ପ୍ରଶାସନିକ ସେବା ଯୋଗାଇବା ସହିତ ସ୍ୱାସ୍ଥ୍ୟ ସଚେତନତା ଓ ରକ୍ତଦାନ ଭଳି ସାମାଜିକ କାର୍ଯ୍ୟକୁ ଏକତ୍ରିତ କରି ଏପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଧର୍ମଗଡ଼ ଉପଖଣ୍ଡବାସୀ ଉପଜିଲ୍ଲାପାଳଙ୍କ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏପରି ଜନମୁଖୀ ଓ ମାନବିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ଦୀର୍ଘ ବର୍ଷ ଧରି ଭୋଟ ଦେବା ଅଧିକାରରୁ ବଞ୍ଚିତ ରୁବାଲବାସୀ

ପାରଳାଖେମୁଣ୍ଡି,୧୪।୮ (ନିପ୍ର); ମୋହନା ବର୍ଷ ବର୍ଷ ଧରି ଭୋଟ ଦେବା ଅଧିକାରରୁ ବଞ୍ଚିତ ଅଛନ୍ତି ଦୁର୍ଗମବାସୀ। ବୟସ ଆସି ଷାଠିଏରୁ ଊର୍ଦ୍ଧ୍ୱ ହେଲାଣି । ହେଲେ ମିଳୁନାହିଁ ଭୋଟର କାର୍ଡ । ଯୋଡ଼ି ହୋଇ ପାରୁ ନାହାନ୍ତି ଭୋଟର ତାଲିକାରେ । ଏହା କେବଳ ଜଣେ କି ଦୁଇ ଜଣକ ସମସ୍ୟା ନୁହେଁ, ପୁରା ଗାଁର ରହିଛି ଏଭଳି ସମସ୍ୟା। ଭୋଟର କାର୍ଡ ନଥିବାରୁ ଆଜି ପର୍ଯ୍ୟନ୍ତ କୌଣସି ବି ନିର୍ବାଚନରେ ଭୋଟ ଦେଇପାରୁନାହାନ୍ତି ଏହି ଗାଁର ଲୋକେ। ଆଉ ଏମାନଙ୍କୁ ମିଳିପାରୁ ନାହିଁ ମୌଳିକ ଅଧିକାର । ମାନଚିତ୍ରରୁ ହଜି ଯାଇଛି ଏହି ରୁବାଲ୍ ଗ୍ରାମ। ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ଅନ୍ତର୍ଗତ ଦୁର୍ଗମ ପୁରୁଣାପାଣି ପଞ୍ଚାୟତ ଅଧିନ ରୁବେଲ ଗ୍ରାମ । ଗାଁରେ ପାଖା ପାଖି ୩୫ ରୁ ୪୦ ପରିବାର ବସବାସ କରୁଛନ୍ତି । ଖାଲି ଭଙ୍ଗା ଦଦରା ଆଜବେଷ୍ଟ ଓ ଟିଣ ଛପର ଘର ଛଡା ଆଉ କିଛି ନାହିଁ ନିଜର ବୋଲି । ଏପରିକି ନିଜର ପରିଚୟ ଦେବାକୁ ମଧ ନିଜ ପାଖରେ ନାହିଁ ପରିଚୟ ପତ୍ର । ପ୍ରଥମ କରି ୧୯୯୫ରେ ପାଇଥିବା ଭୋଟର କାର୍ଡ ମାତ୍ର ଦୁଇ ତିନି ଜଣ ବୟସ୍କ ଲୋକଙ୍କ ପାଖରେ ଅଛି । କିନ୍ତୁ ନିର୍ବାଚନୀ ସମୟରେ କାମରେ ଆସେନି । ଏହି ରୁବାଲ ଗ୍ରାମ ଯେତେବେଳେ ଶିଆଳିଲଟି ପଞ୍ଚାୟତ ଅଧୀନରେ ଥିଲା ସେହି ସମୟରେ ଭୋଟ ଦେଇଥିଲେ କିଛି ବ୍ୟକ୍ତି। ବର୍ତ୍ତମାନ ପଞ୍ଚାୟତ ବିଭାଜନ ହେବା ପରେ ଆଉ ସେ ଭୋଟ କାର୍ଡ଼ କାମ ଦେଉନି । ଏହା ମଧ୍ୟରେ ଅନେକ ବୟସ୍କ ଲୋକଙ୍କ ମୃତ୍ୟୁ ହୋଇ ଗଲାଣି । ବର୍ତ୍ତମାନ ଭୋଟ ଦେବାକୁ ଯୋଗ୍ୟ ଥିବା ପୁରୁଷ ଓ ମହିଳାଙ୍କ ସଂଖ୍ୟା ମଧ ବଢ଼ି ବଢ଼ି ଚାଲିଛି । କିନ୍ତୁ ଗ୍ରାମକୁ ଅନେକ ବିଏଲଓ ଆସୁଛନ୍ତି କିନ୍ତୁ ପରିଚୟ ପତ୍ର ହୋଇ ପାରୁନି । ବିଏଲଓଙ୍କୁ ପଚାରି ସେ କହିଛନ୍ତି ଏହି ଗ୍ରାମ ମୋ ଅନୁଭାଗରେ ନାହିଁ ମୁଁ କିପରି ସାମିଲ କରିବି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନୀ ଅଧିକାରୀଙ୍କୁ ପଚାରିଲେ ସେ ଏସବୁ କାମ ବିଏଲଓଙ୍କର ବୋଲି କହି କଥାଟିକୁ ଆଡ଼େଇ ଦେଉଛନ୍ତି । ଏହି ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ କୌଣସି ସରକାରୀ ବାବୁ ନାରାଜ । ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ କିଛି ସରକାରୀ ବାବୁଙ୍କ ଅବହେଳା ପାଇଁ ନିରୀହ ଆଦିବାସୀ ଲୋକେ ବାଦ୍ ପଡ଼ିଛନ୍ତି ଭୋଟର ତାଲିକାରୁ। ତେବେ ଏହି ଖବର ପ୍ରସାରଣ ପରେ କେବେ ଓ କିଭଳି ଏହି ସୁବିଧା ପାଇବେ ଗ୍ରାମବାସୀ ତାକୁ ହିଁ ଲୋକଙ୍କ ଅପେକ୍ଷା।



# ଅଧାରୁ ବିଧାନସଭା ଭଙ୍ଗ ରୋକିବାକୁ ସୁରକ୍ଷା ବ୍ୟବସ୍ଥା ଖୋଜୁଛି ଜେପିସି

**ନୂଆଦିଲ୍ଲୀ, ୧୪/୮:** 'ଏକ ଦେଶ, ଏକ ନିର୍ବାଚନ' (ଓଏନ୍ଓଇ) ବ୍ୟବସ୍ଥା ଲାଗୁ ହେଲେ ଜଣେ 'ଅସାଧୁ' ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ନିଜ ରାଜନୈତିକ ସ୍ୱାର୍ଥରେ ଲୋକସଭା କିମ୍ବା ବିଧାନସଭାକୁ ମଧ୍ୟଭାଗରେ ଯେପରି ଭାଙ୍ଗିଦେଇ ନ ପାରିବେ, ସେଥିପାଇଁ ସାମ୍ବିଧାନିକ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ନେଇ ବିଚାର କରାଯାଉଛି। ଓଏନ୍ଓଇ ବିଲ୍ ଉପରେ ବିଚାର କରୁଥିବା ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ଅଧ୍ୟକ୍ଷ ପି.ପି. ଚୌଧୁରୀ ଗୁରୁବାର ଏହି ସୂଚନା ଦେଇଛନ୍ତି।ଚୌଧୁରୀ କହିଛନ୍ତି, ସମ୍ବିଧାନର ଧାରା ୮୫(୨) ଓ ୧୭୪(୨)ର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାର ବିଭିନ୍ନ ବିକଳ୍ପ ଉପରେ ଜେପିସି ଗୁରୁତ୍ୱର ସହ ବିଚାର କରୁଛି। ଧାରା ୮୫(୨) ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ରାଷ୍ଟ୍ରପତି ଲୋକସଭା ଭଙ୍ଗ କରିପାରିବେ। ସେହିପରି ଧାରା ୧୭୪(୨) ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିପାରିବେ। ଓଏନ୍ଓଇରେ ନିର୍ବାଚନର ସମୟସାରଣୀ ଏକାଠି କରିବା ପରେ ଏଭଳି କ୍ଷମତାର ଅପବ୍ୟବହାର ଯେପରି ନ ହୁଏ, ତାହା ଜେପିସିର ମୁଖ୍ୟ ଚିନ୍ତା। ବିଜେପିର ପାଲି ଲୋକସଭା ସାଂସଦ ଚୌଧୁରୀ କହିଛନ୍ତି, କେନ୍ଦ୍ର ସରକାର ମଧ୍ୟ ଇଚ୍ଛାମୁତାବକ କୌଣସି



ନିର୍ବାଚିତ ରାଜ୍ୟ ସରକାରକୁ ବରଖାସ୍ତ କିମ୍ବା ବିଧାନସଭା ଭଙ୍ଗ କରିପାରିବେ ନାହିଁ। ଏଭଳି ନିଷ୍ପତ୍ତିକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରିବ। ସେହିପରି ରାଷ୍ଟ୍ରପତି ଶାସନ ଲାଗୁ କରିବା ସମ୍ପର୍କିତ ସମ୍ବିଧାନର ଧାରା ୩୫୬ର ବ୍ୟବହାର ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ଏସ୍.ଆର. ବୋମାଇ ରାୟ ପରେ ଅଧିକ କଠିନ ହୋଇଛି ବୋଲି ସେ କହିଛନ୍ତି। ଓଏନ୍ଓଇ ପ୍ରସ୍ତାବ ସମ୍ପର୍କରେ ଚୌଧୁରୀ କହିଛନ୍ତି, ଲୋକସଭା ଓ ସମସ୍ତ ରାଜ୍ୟ ବିଧାନସଭାର ନିର୍ବାଚନ ଏକାସାଙ୍ଗରେ କରାଯିବାର ଲାଭ ସମ୍ପର୍କରେ ଜେପିସି ସଦସ୍ୟଙ୍କ ମଧ୍ୟରେ ବ୍ୟାପକ ସହମତି ରହିଛି। ପ୍ରସ୍ତାବିତ ବିଲ୍ ସମ୍ବିଧାନର ମୌଳିକ ଢାଞ୍ଚା, ବିଶେଷକରି ସଂଘୀୟ ବ୍ୟବସ୍ଥାକୁ ପ୍ରଭାବିତ କରିବ ନାହିଁ ବୋଲି ସଦସ୍ୟମାନେ ବୁଝିପାରିଛନ୍ତି। ବିଲ୍‌ର ଉଦ୍ଦେଶ୍ୟ ମୁଖ୍ୟତଃ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଏକ ସମାନ ସମୟସାରଣୀ ପ୍ରସ୍ତୁତ କରିବା। କିନ୍ତୁ ଏହି ବ୍ୟବସ୍ଥା କିପରି ଲାଗୁ ହେବ ଏବଂ ଏହାର ସମନ୍ୱୟ କିପରି ଦୀର୍ଘଦିନ ଧରି ବଜାୟ ରହିବ, ତାହା ଉପରେ ଜେପିସି ଏବେ ମୁଖ୍ୟତଃ ଧ୍ୟାନ ଦେଉଛି। କମିଟି ସାରା ଦେଶର ବିଭିନ୍ନ ପକ୍ଷଙ୍କ ସହ ବ୍ୟାପକ ଆଲୋଚନା କରୁଛି। ପୂର୍ବତନ ସିଜେଆଇଙ୍କ ସମେତ ବରିଷ୍ଠ ଆଇନ ବିଶେଷଜ୍ଞଙ୍କ ମତାମତ ମଧ୍ୟ ନିଆଯାଉଛି। ବିଲ୍‌ର ପ୍ରତ୍ୟେକ ଧାରା ଉପରେ ବିଚାର କରି ସଦସ୍ୟମାନଙ୍କ ମଧ୍ୟରେ ସହମତି ଗଠନ ପରେ ଜେପିସି ନିଜ ରିପୋର୍ଟ ସଂସଦରେ ଦାଖଲ କରିବ ବୋଲି ଚୌଧୁରୀ କହିଛନ୍ତି।

# ଜନଗଣନା ୨୦୨୭: ଦ୍ୱିତୀୟ ପର୍ଯ୍ୟାୟ ଜନସଂଖ୍ୟା ଗଣନା ୪୦ ପ୍ରଶ୍ନର ତାଲିକା ଜାରି

ନୂଆଦିଲ୍ଲୀ,୧୪।୮: କେନ୍ଦ୍ର ସରକାର ଶୁକ୍ରବାର ଜନଗଣନା ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜନସଂଖ୍ୟା ଗଣନା ପାଇଁ ୪୦ଟି ପ୍ରଶ୍ନର ପ୍ରଶ୍ନାବଳୀ ଅଧିସୂଚିତ କରିଛନ୍ତି। ଏଥିରେ ପ୍ରଥମ ଥର ପାଇଁ, ଜନଗଣନା ଅଧୀନରେ ଜାତି ସମ୍ବନ୍ଧୀୟ ସୂଚନା ମଧ୍ୟ ସଂଗ୍ରହ କରାଯିବ। ଏହି ପ୍ରଶ୍ନାବଳୀରେ ନାଗରିକମାନଙ୍କର ବ୍ୟକ୍ତିଗତ, ସାମାଜିକ, ଶିକ୍ଷାଗତ ଏବଂ ଆର୍ଥିକ ସୂଚନା ସମ୍ବନ୍ଧୀୟ ପ୍ରଶ୍ନ ସାମିଲ ଅଛି। ଲୋକମାନଙ୍କୁ ସେମାନଙ୍କର କୋଭିଡ-୧୯ ଟିକାକରଣ, ବ୍ୟାଙ୍କ ଖାତା, ଆଧାର, ଭୋଟର ପରିଚୟପତ୍ର ଏବଂ ଅନ୍ୟାନ୍ୟ ସୂଚନା ବିଷୟରେ ମଧ୍ୟ ପଚାରାଯିବ।ଗୃହ ମନ୍ତ୍ରଣାଳୟ ଅଧୀନରେ ଭାରତର ମହାପଞ୍ଜୀୟକ ଏବଂ ଜନଗଣନା ଆୟୁକ୍ତଙ୍କ ପକ୍ଷରୁ ଶୁକ୍ରବାର ଜାରି ଅଧିସୂଚନାରେ ଜନଗଣନା ଅଧିକାରୀମାନଙ୍କୁ ପରିବାର ଗୁଡ଼ିକଠାରୁ ୪୦ଟି ବିନ୍ଦୁ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବାକୁ ଅଧିକୃତ କରାଯାଇଛି।



ଅଧିସୂଚନା ଅନୁଯାୟୀ ଜନଗଣନା ଅଧିକାରୀମାନେ ନିଜ ନିର୍ଦ୍ଧାରିତ ସ୍ଥାନୀୟ ଅଂଚଳର ସୀମା ମଧ୍ୟରେ ରହୁଥିବା ଲୋକମାନଙ୍କଠାରୁ ପରିବାର ଅନୁସୂଚୀ ମାଧ୍ୟମରେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ପଚାରିପାରିବେ। ପ୍ରଶ୍ନାବଳୀରେ ବ୍ୟକ୍ତିଙ୍କ ନାମ, ପରିବାର ମୁଖ୍ୟଙ୍କ ସହ ସମ୍ପର୍କ, ଲିଙ୍ଗ, ଜନ୍ମ ତାରିଖ ଏବଂ ବୟସ, ବୈବାହିକ ସ୍ଥିତି ଏବଂ ବିବାହ ସମୟରେ ବୟସଠାରୁ ଆରମ୍ଭ କରି ସ୍ୱାମୀ କିମ୍ବା ପତ୍ନୀଙ୍କ ନାମ ତଥା ଘୋଷିତ ଜାତୀୟତା ସମ୍ବନ୍ଧୀୟ ସୂଚନା ସାମିଲ ଅଛି।

## ଜୁଲାଇରେ ରୁଷ୍‌ରୁ ଆସିଛି ୫୦.୮୩% ତେଲ

ନୂଆଦିଲ୍ଲୀ, ୧୪/୮: ଅଶୋଧିତ ତେଲ ଆମଦାନି କ୍ଷେତ୍ରରେ ଭାରତର ନିର୍ଭରଶୀଳତା ରୁଷ୍ ଉପରେ ଜୁଲାଇ ମାସରେ ବଢ଼ିଯାଇଛି। ଭାରତ ଏହାର ମୋଟ ଅଶୋଧିତ ତେଲ ଆମଦାନିର ୫୦.୮୩ ପ୍ରତିଶତ ବା ଦୈନିକ ୨.୪୭ ନିୟୁତ ବ୍ୟାରେଲ ତେଲ ରୁଷ୍‌ରୁ ଆଣିଛି। ଗତବର୍ଷ ଜୁଲାଇ ତୁଳନାରେ ଏବର୍ଷ ଜୁଲାଇରେ ରୁଷ୍‌ରୁ ଭାରତ ଅଧିକ ୬୨.୪ ପ୍ରତିଶତ ଅଶୋଧିତ ତେଲ ଆଣିଛି। କିନ୍ତୁ ଜୁନରେ ଭାରତ ଆଣିଥିବା ଦୈନିକ ୨.୬ ନିୟୁତ ବ୍ୟାରେଲ ଅଶୋଧିତ ତେଲ ତୁଳନାରେ ଏହା ୪.୮ ପ୍ରତିଶତ କମ୍। ଆମେରିକା ଶୁଳ୍କରୁ ବର୍ତ୍ତିବା ପାଇଁ ଜାନୁଆରି ମାସରେ ଭାରତ ରୁଷ୍‌ରୁ ଅଶୋଧିତ ତେଲ ଆମଦାନି କମାଇଥିଲା।

**AFFIDAVIT**

By virtue of an affidavit sworn before The Executive Magistrate, Bhapur, affidavit no.1033 dtd. 13.08.2026, I Swarnalata Nayak,W/o Sudam Nayak At-Jhagadapada, Po- Padmabati , Ps-Fategarh , Dist-Nayagarh do hereby declare that, I have changed the name of my minor Sons from Ayush Nayak to Saswat Nayak. Henceforth, He will be known as Saswat Nayak for all purposes.

Sd/- Swarnalata Nayak

**AFFIDAVIT**

By virtue of an affidavit sworn before The Executive Magistrate, Banpur affidavit no.2947 dtd.31.07.2026, I Dali Matagajsingh W/o-Panchanan Matagajsingh At-Saluni, Po-Narendrapur, Ps-Banpur, Dist-Khordha, Odisha, Pin-752031 do hereby declare that, I have changed the name of my son's from Susant Matagajsingh to Susanta Matagajsingh. Henceforth he will be known as Susanta Matagajsingh for all purposes.

Sd/-Dali Matagajsingh

**AFFIDAVIT**

By virtue of an affidavit sworn before The Executive Magistrate, Banpur affidavit no.3177 dtd.13.08.2026, I Mili Mahapatra W/o-Ajaya Kumar Mahapatra At-Tentulidiha, Po-Khanata, Ps-Banpur, Dist-Khordha, Odisha, Pin-752030 do hereby declare that, I have changed my name from Mili Jena to Mili Mahapatra. Henceforth I shall be known as Mili Mahapatra for all purposes.

Sd/-Mili Mahapatra

**AFFIDAVIT**

By virtue of an affidavit sworn before The Executive Magistrate, Banpur affidavit no.2918 dtd.30.07.2026, I Sumitra Bariki W/o-Santanu Kumar Bariki At-Gobindapur, Po-Banpur, Ps-Banpur, Dist-Khordha, Odisha, Pin-752031 do hereby declare that, I have changed the name of my daughter's name from S.Shreya Smruti Bariki to Smruti Bariki. Henceforth she will be known as Smruti Bariki for all purposes.

Sd/-Sumitra Bariki

# ରାହୁଲଙ୍କ ବିରୋଧରେ ଅପରାଧିକ ମାନହାନି ଅଭିଯୋଗ, ସମନ୍ ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪/୮:** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସବରକରଙ୍କ ବିରୋଧରେ ଦେଇଥିବା ଟିପ୍ପଣୀ ପାଇଁ ତାଙ୍କ ବିରୋଧରେ ଯେଉଁ ଆପରାଧିକ ମାନହାନି ଅଭିଯୋଗ ହୋଇଥିଲା ଏବଂ ଟ୍ରାଏଲ କୋର୍ଟଙ୍କ ଦ୍ୱାରା ସମନ୍ ଜାରି କରାଯାଇଥିଲା ତାକୁ ଆଜି ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି , ଏହି ମାମଲାରେ ଆବଶ୍ୟକ ଅନୁମୋଦନ ନିଆଯାଇନଥିଲା। ଖଣ୍ଡପୀଠ କହିଛନ୍ତି, ଅତିରିକ୍ତ ସଲିସିଟର ଜେନେରାଲ୍ ଏବଂ ଅଭିଯୋଗକାରୀଙ୍କ ଓକିଲ, ଉତ୍ତରପ୍ରଦେଶ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ଅନୁମୋଦନ ନିଆଯାଇଥିବାର କୌଣସି ଉଲ୍ଲେଖ ନାହିଁ ବୋଲି ଦର୍ଶାଇଛନ୍ତି। ଏହି ପରିସ୍ଥିତିରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଜାରି ହୋଇଥିବା ଅଭିଯୋଗ ଓ ଆଦେଶଗୁଡ଼ିକୁ ଖାରଜ କରାଯାଉଛି। ଉଲ୍ଲେଖଯୋଗ୍ୟ ୨୦୨୨ ନଭେମ୍ବର ୧୭ରେ ମହାରାଷ୍ଟ୍ରର ଅକୋଲା ଜିଲ୍ଲାରେ ଭାରତ ଯୋଡ଼ୋ ଯାତ୍ରା ସମୟରେ ଏକ ସଭାରେ ରାହୁଲ ଗାନ୍ଧୀ ସବରକରଙ୍କ



ସମ୍ପର୍କରେ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ମାନହାନି ମକଦ୍ଦମା ଚାଲିଥିଲା।୨୦୨୫ ଏପ୍ରିଲ୍ ୪ରେ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଥିଲେ ଯେ, ରାହୁଲ ଗାନ୍ଧୀ ସେସନ୍ସ କୋର୍ଟରେ ରିଭିଜନ୍ ପିଟିସନ୍ ଦାଖଲ କରିପାରିବେ। ତେଣୁ ଏହି ପର୍ଯ୍ୟାୟରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ନାହିଁ। ରାହୁଲ ଗାନ୍ଧୀ ତାଙ୍କୁ ଏହି ମାମଲାରେ ସମନ୍ କରିବା ସଂକ୍ରାନ୍ତ ତଳ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଏଥିସହ ତାଙ୍କ ବିରୋଧରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ସେ ବିରୋଧ କରିଥିଲେ।

# ବୀରେନ୍ଦ୍ର ସିଂହ ବସୋୟାଙ୍କୁ ଭାରତ ଫେରାଇ ଆଣିଛି ଏନସିବି

ନୂଆଦିଲ୍ଲୀ / ଭୁବନେଶ୍ୱର,୧୪/୮: ଅନ୍ତର୍ଜାତୀୟ ନାର୍କୋଟିକ୍ସ ସିଣ୍ଡିକେଟ୍ ବିରୁଦ୍ଧରେ ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରି, ନାର୍କୋଟିକ୍ସ କେଂଟ୍ରାଲ ବ୍ୟୁରୋ (ଏନସିବି) ଦିଲ୍ଲୀର ସରୋଜିନୀ ନଗରର ପିଲ୍ଲଞ୍ଜି ବାସିନ୍ଦା ପଳାତକ ବୀରେନ୍ଦ୍ର ସିଂ ବସୋୟାଙ୍କୁ ଭାରତକୁ ଫେରାଇ ଆଣିଛି। ଶୁକ୍ରବାର ସକାଳେ ନୂଆଦିଲ୍ଲୀର ଆଇ. ଜି. ଆଇ. ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏନ. ସି. ବି. ର ଅନୁରୋଧ କ୍ରମେ ପ୍ରକାଶିତ ଏକ ଇଂଟରପୋଲ ରେଡ୍ ନୋଟିସ୍ ଅନୁଯାୟୀ ଜୁନ୍ ୨୦୨୬ ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁ. ଏ. ଇ.) ରେ ବସୋୟାଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ୟୁ. ଏ. ଇ. କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମନ୍ୱୟ ମାଧ୍ୟମରେ ତାଙ୍କର ଭାରତ ପ୍ରତ୍ୟାବର୍ତନ ସୁରକ୍ଷିତ ହୋଇଥିଲା। ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ 'ମୋଦୀ ସରକାର ବିଦେଶରେ ଲୁଚି ରହିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ନିରନ୍ତର ଟ୍ରାକ୍ କରୁଛନ୍ତି ଏବଂ ନିଷ୍ଠୁର ଆଭିମୁଖ୍ୟ ସହିତ ସେମାନଙ୍କର ସମଗ୍ର ଇକୋସିଷ୍ଟମକୁ ନଷ୍ଟ କରୁଛନ୍ତି। ନିଶାଦ୍ରବ୍ୟ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତିରେ ଏକ ନୂତନ ମାଇଲଖୁଂଟ ସୃଷ୍ଟି କରି, ୟୁ.ଏ.ଇ. ରୁ ପଳାତକ ଡ୍ରଗ୍ କିଙ୍ଗ୍ ପିନ୍ ବୀରେନ୍ଦ୍ର



ସିଂ ବସୋୟାଙ୍କୁ ଏନ୍. ସି. ବି. ଭାରତ ଫେରାଇ ଆଣିଛି । ଅପରାଧୀଙ୍କୁ ଠାବ କରି, ଆମର ଏଜେନ୍ସିମାନେ ପୁଣି ଥରେ ପ୍ରମାଣିତ କରିଛନ୍ତି ଯେ ନିଶାଦ୍ରବ୍ୟ ଚୋରା ଚାଲାଣକାରୀମାନେ ଯେଉଁଠି ଲୁଚି ରୁହନ୍ତୁ ନା କାହିଁକି, ସେମାନେ ଭାରତୀୟ ଆଇନର କବଳରୁ ରକ୍ଷା ପାଇପାରିବେ ନାହିଁ । ଏହି ମାମଲା ଫେବୃଆରୀ ୨୦୨୪ ରେ ପୁଣେରେ ଆରମ୍ଭ ହୋଇଥିଲା, ଯେତେବେଳେ ପୁଣେ ସିଟି ପୋଲିସ୍ ୫୦୦ ଗ୍ରାମ ମେଫେଡ୍ରୋନ ଜବତ କରିଥିଲା। ଏହା ପରେ ସମଗ୍ର ନିଶାଦ୍ରବ୍ୟ କାରବାର ନେଟୱାର୍କକୁ ଚିହ୍ନଟ କରିବା ଏବଂ ଭାଙ୍ଗିବା ପାଇଁ ଅନୁସନ୍ଧାନକୁ ବ୍ୟାପକ କରାଯାଇଥିଲା।




## ସ୍ୱାଧୀନତା ଦିବସ ୨୦୨୬ ଅବସରରେ ମହାପ୍ରବନ୍ଧକଙ୍କ ବାର୍ତ୍ତା

# ପୂର୍ବତଟ ରେଳପଥ ଗୌରବମୟ ସ୍ଥାନ ବଜାୟ ରଖିଛି

୮୦ ତମ ସ୍ୱାଧୀନତା ଦିବସ ଅବସରରେ ପୂର୍ବ ତଟ ରେଳପଥ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ପୂର୍ବତଟ ରେଳପଥର ନେତୃତ୍ୱ ନେବା ମୋ ପାଇଁ ଏକ ଗୌରବ ଓ ସମ୍ମାନର ବିଷୟ। ପୂର୍ବ ତଟ ରେଳପଥ କ୍ରମାଗତ ୯ମ ବର୍ଷ ପାଇଁ ଭାରତୀୟ ରେଳପଥର ସର୍ବାଧିକ ପଣ୍ୟ ବୋଝେଇ କରୁଥିବା ଜୋନ୍ ଭାବେ ନିଜର ଗୌରବମୟ ସ୍ଥାନ ବଜାୟ ରଖିଛି । ୨୦୨୫-୨୬ରେ ପୂର୍ବତଟ ରେଳପଥ ଐତିହାସିକ ଭାବେ ୨୮୬.୨୬ ମେଟ୍ରିକ୍ ଟନ୍ ପଣ୍ୟ ବୋଝେଇ କରିଛି। ଆର୍ଥିକ ଶୃଙ୍ଖଳା ଏବଂ ପରିଚାଳନାଗତ ଦକ୍ଷତା ସହିତ ୨୦୨୫-୨୬ ରେ ଆମର ପରିଚାଳନା ଅନୁପାତ ୫୫.୧୪ ପ୍ରତିଶତ ଥିଲା, ଯାହା ସମସ୍ତ ଜୋନାଲ ରେଳପଥ ମଧ୍ୟରେ ଦ୍ୱିତୀୟ ସର୍ବୋତ୍ତମ । ଚଳିତ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ନିରନ୍ତର ଭାବେ ଅଭିବୃଦ୍ଧିର ପଥରେ ଆଗେଇ ଚାଲିଛି । ଜୁଲାଇ ୨୦୨୬ ପର୍ଯ୍ୟନ୍ତ, ପୂର୍ବତଟ ରେଳପଥ ୮୮.୩୬ ମେଟ୍ରିକ୍ ଟନ୍ ପଣ୍ୟ ବୋଝେଇ କରିବା ସହିତ ୩୦.୪୯ ନିୟୁତ ଯାତ୍ରୀ ପରିବହନ କରିଛି ଏବଂ ୮,୨୨୮.୮୬ କୋଟି ରାଜସ୍ୱ ଆୟ କରିଛି। ପାର୍ବଣ ଋତୁ ଓ ଛୁଟିଦିନ ସମୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦାକୁ ପୂରଣ କରିବା ପାଇଁ, ରଥଯାତ୍ରା ସ୍ପେଶାଲ୍ ଟ୍ରେନ୍ ସମେତ ମୋଟ ୪୬୩ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇଛି । ଷ୍ଟେସନଗୁଡ଼ିକରେ ପରିଷ୍କାର-ପରିଚ୍ଛନ୍ନତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବର୍ତ୍ତମାନ ୭୩ଟି ଷ୍ଟେସନରେ ହାଉସକିପିଂ ସେବା କାର୍ଯ୍ୟକାରୀ ହେଉଛି । ଭୁବନେଶ୍ୱର, କଟକ ଓ ପୁରୀ ରେଳ ଷ୍ଟେସନର ବ୍ୟାପକ ଉନ୍ନତୀକରଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଯାଜପୁର, ଭଦ୍ରକ ଓ ବ୍ରହ୍ମପୁର ଷ୍ଟେସନର ଉନ୍ନତୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ତାଳଚେର, ବଲାଙ୍ଗୀର, ବରପାଲି, କେସିଙ୍ଗା ଓ ପାରଳାଖେମୁଣ୍ଡି ଷ୍ଟେସନ ଗୁଡିକର ରୂପାନ୍ତରଣ କରାଯାଇଛି ।ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୬ ପୂର୍ବ ତଟ ରେଳପଥ ପାଇଁ ଏକ ଅତ୍ୟନ୍ତ ଗୌରବମୟ ଓ ସ୍ମରଣୀୟ ଥିଲା । ଆମ ରେଳ କର୍ମଚାରୀମାନେ, ବିଶେଷକରି ଖୋର୍ଦ୍ଧା ରୋଡ଼ ମଣ୍ଡଳର ଟିମ୍, ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସୁଗମ ଯାତାୟାତ ସୁନିଶ୍ଚିତ କରିଥିଲେ ।ଟ୍ରେନ ପରିଚାଳନାରେ ନିରାପତ୍ତା ଆମର ସର୍ବୋଚ୍ଚ. ପ୍ରାଥମିକତା ହୋଇ ରହିଛି । ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ଆମେ ଅନେକ ଅଭିନବ ଓ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛୁ । ସାମ୍ପ୍ରତିକ ସମୟରେ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ହେଲା: ୧୪୩ ରୁଟ୍ କିଲୋମିଟରରେ 'କବଚ.'ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି । ଟ୍ରେନ୍‌ର ଗରମ



**ପୂର୍ବତଟ ରେଳପଥ ପରିବାରର ମୋର ପ୍ରିୟ ସଦସ୍ୟବୃନ୍ଦ**

ଆକ୍ସେଲ୍‌କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ ପାଇଁ ୨୫ଟି ହଟ୍ ଆକ୍ସେଲ୍ ବକ୍ସ ଡିଟେକ୍ଟର ସ୍ଥାପନ କରାଯାଇଛି । ୪୯୬ କିଲୋମିଟର ରେଳପଥରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇଛି । ହାତୀଙ୍କ ରେଳପଥରେ ପ୍ରବେଶ ଚିହ୍ନଟ ପାଇଁ ଏଲିଫାଣ୍ଟ ଇଣ୍ଟ୍ରୁଜନ୍ ଡିଟେକ୍ସନ୍ ସିଷ୍ଟମ୍ ସ୍ଥାପନ କରାଯାଇଛି ।ଏଭଳି ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଛି ।ଯାତ୍ରୀ ଓ ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବ ତଟ ରେଳପଥର ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି । ପୂର୍ବ ତଟ ରେଳପଥ ପରିବେଶ ସୁରକ୍ଷା, ସବୁଜ ଶକ୍ତି ଏବଂ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ପୂର୍ଣ୍ଣ ପ୍ରତିବଦ୍ଧ । ଚଳିତ ଆର୍ଥିକ ବର୍ଷରେ ୨,୮୭୪ଟି ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଛି । ରେଳ ସୁରକ୍ଷା ବଳ ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ଅତ୍ୟନ୍ତ ପ୍ରଶଂସନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ପେନସନ୍ ପ୍ରଦାନ ସମ୍ବନ୍ଧୀୟ ମାମଲାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଦ୍ୱାରା ୨.୮୧ କୋଟି ପୁନରୁଦ୍ଧାର କରାଯାଇଛି ।

ଜୟ ହିନ୍ଦ୍ !

*(ପରମେଶ୍ୱର ଫୁଙ୍କୱାଲ୍)*
*ମହାପ୍ରବନ୍ଧକ*
*ପୂର୍ବତଟ ରେଳପଥ*

# ବାର କାଉନସିଲ୍ ନିର୍ଦ୍ଦେଶକୁ ପ୍ରଧାନ ବିଚାରପତିଙ୍କ ତୀବ୍ର ଭର୍ତ୍ସନା

## ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଅନୁଚିତ

ନୂଆଦିଲ୍ଲୀ,୧୪।୮: ବାର କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ହାଇଦ୍ରାବାଦର ନାଲସାରଲ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ ଆଇନ ସ୍ନାତକଙ୍କୁ ଓକିଲ ଭାବେ ପଞ୍ଜୀକରଣ ନ କରିବାକୁ ସମସ୍ତ ରାଜ୍ୟ ବାର ପରିଷଦକୁ ଦେଇଥିବା ନିର୍ଦ୍ଦେଶ ପ୍ରତ୍ୟାହାର କରିଥିଲେ ମଧ୍ୟ ବିବାଦ ଥମି ନାହିଁ। କକ୍ରୋଚ ଜନତା ପାର୍ଟି ସିଧାସଳଖ ବିସିଆଇର ଅଧ୍ୟକ୍ଷ ମନନ ମିଶ୍ରାଙ୍କୁ ଟାର୍ଗେଟ କରିବା ପରେ ସେ ବାଧ୍ୟ ହୋଇ ନିଜ ନିର୍ଦ୍ଦେଶ ପ୍ରତ୍ୟାହାର କରିଥିଲେ। ବର୍ତ୍ତମାନ ଏହି ମାମଲାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ମଧ୍ୟ ବିସିଆଇକୁ ତୀବ୍ର ସମାଲୋଚନା କରିଛନ୍ତି। ଶୁକ୍ରବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ବିସିଆଇ ନିର୍ଦ୍ଦେଶକୁ କଡ଼ା ବିରୋଧ କରି ଏହାକୁ ସମ୍ପୂର୍ଣ୍ଣ ଅନାବଶ୍ୟକ ବୋଲି କହିଛନ୍ତି। ଏକ ଆବେଦନ ଶୁଣାଣି କରି ପ୍ରଧାନ ବିଚାରପତି କହିଛନ୍ତି, ଏହା ଛାତ୍ର ଓ ତାଙ୍କ ଭିତରର ପ୍ରସଙ୍ଗ, ବିସିଆଇ ଏଥିରେ ହସ୍ତକ୍ଷେପ କରିବାକୁ କିଏ ? ବାର୍ କାଉନସିଲର ସର୍କୁଲାର ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ନୁହେଁ। ସିଜେଆଇ ଆହୁରି କହିଛନ୍ତି, ସେ ଯେତେବେଳେ ଛାତ୍ର ଥିଲେ ଏମିତି ପ୍ରତିବାଦରେ ସକ୍ରିୟ ଭୂମିକା ନେଉଥିଲେ। ତେଲଙ୍ଗାନାରେ ନଲସାର ଆଇନ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସମାବର୍ତ୍ତନ ସମାରୋହରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବାକୁ ଛାତ୍ରମାନେ ବିରୋଧ କରିଥିଲେ।



ବିସିଆଇ ଏହି ଅଭିଯାନ ଆରମ୍ଭ କରିଥିବା ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ବିଷୟରେ କୁଳପତିଙ୍କଠାରୁ ଏକ ତଥ୍ୟଗତ ରିପୋର୍ଟ ମାଗିଥିଲା ଓ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ କୌଣସି ରାଜ୍ୟ ବାର କାଉନସିଲରେ ୨୦୨୬ ସ୍ନାତକଙ୍କୁ ନାମ ନ ଲେଖାଇବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ବିସିଆଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିଛି। ବିସିଆଇର ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ବାର ଆସୋସିଏସନ୍ ସଭାପତି ତଥା ବରିଷ୍ଠ ଓକିଲ ବିକାଶ ସିଂହ ତୀବ୍ର ସମାଲୋଚନା କରିଥିଲେ।




# ଦିଲ୍ଲୀ ହାଇକୋର୍ଟକୁ ବୋମା ଧମକ

ନୂଆଦିଲ୍ଲୀ,୧୪।୮: ଦିଲ୍ଲୀ ହାଇକୋର୍ଟକୁ ବୋମାରେ ଉଡାଇ ଦେବାକୁ ଧମକ ଇ ମେଲ ଯୋଗେ ଆସିଛି। ଦିଲ୍ଲୀ ବିମାନବନ୍ଦର, ଦିଲ୍ଲୀ ହାଇକୋର୍ଟ ଏବଂ ଲାଲକିଲ୍ଲା ସମେତ ଜାତୀୟ ରାଜଧାନୀର ଅନେକ ପ୍ରମୁଖ ପ୍ରତିଷ୍ଠାନକୁ ବୋମାରେ ଉଡେଇ ଦେବାକୁ ଶୁକ୍ରବାର ଧମକ ଆସିଥିବାର ସୂଚନା ମିଳିଛି । ଏନେଇ ଉକ୍ତ ଜାଗାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଖବର ପାଇ ପୋଲିସ, ବୋମା ନିଷ୍କ୍ରିୟକାରୀ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଇମେଲରେ ଲେଖା ଥିଲା ଯେ, ଦିଲ୍ଲୀ ହାଇକୋର୍ଟରେ ଅପରାହ୍ନ ୨.୧୧ରେ ବୋମା ବିସ୍ଫୋରଣ ହେବ । ଏବଂ ଅଗଷ୍ଟ ୧୫ରେ ମଧ୍ୟ ବୋମା ବିସ୍ଫୋରଣ ହେବ । ଏଥିସହ ଦିଲ୍ଲୀକୁ ଖଲିସ୍ତାନର ଏକ ଅଂଶ କରିବାକୁ ଇମେଲରେ ଉଲ୍ଲେଖ କରାଯାଇଥିଲା । ତେବେ ବଡ କଥା ହେଉଛି ଦିନକ ପରେ ସ୍ୱାଧୀନତା ଦିବସ । ଏହାରି ପୂର୍ବରୁ ଜାତୀୟ ରାଜଧାନୀ ଦିଲ୍ଲୀରେ ଏଭଳି ଖବର ପ୍ରସାରିତ ହେବା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି । ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରିବା ସହ ବୋମା ଧମକ ସତ ନା ଗୁଜବ ତାହାର ତଦନ୍ତ ଆରମ୍ଭ କରିଛି ପୋଲିସ ।



# ଜମି ଠକେଇ ମାମଲା: ଅଭିଯୁକ୍ତ ବିଲ୍ଡରଙ୍କୁ ୩ବର୍ଷ ଜେଲ

ଭୁବନେଶ୍ୱର(ନି.ପ୍ର): ଶୁକ୍ରବାର ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ର ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା, ଗତ ୨୦୨୧ମସିହା ନଭେମ୍ବର ମାସରେ ଲକ୍ଷ୍ମୀସାଗର ଥାନାରେ ରୁଜୁ ହୋଇଥିବା ଏକ ଜମି ଠକେଇ ମାମଲାର ବିଚାର କରି ଆସାମୀ ଗୟାଧର ଜେନାଙ୍କୁ ସଜା ଶୁଣାଇଛନ୍ତି। ମାନ୍ୟବର ଅଦାଲତ ବିଭିନ୍ନ ସାକ୍ଷୀଙ୍କ ବୟାନ ଓ ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକୁ ଅଧ୍ୟୟନ କରି ବିଚାର କାର୍ଯ୍ୟର ପରିସମାପ୍ତି କରିବା ସହିତ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଆଇପିସିର ଧାରା-୪୨୦ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୫ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାକୁ ମିଶାଇ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଜମି ଠକେଇ ମାମଲାରେ ନବମ ଥର ଲାଗି ସଜା ଶୁଣାଣି ହୋଇଛି। ଘଟଣାକ୍ରମ; ଅଭିଯୁକ୍ତ ଗୟାଧର ଜେନା "ଏମ୍/ଏସ ଶାରଳା ରିୟଲକନ ପ୍ରାଇଭେଟ ଲିମିଟେଡ"ର ମାଲିକ। ଅଭିଯୋଗକାରିଣୀ ବିଜୟଲକ୍ଷ୍ମୀ ମହାନ୍ତି ମୂଳତଃ ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ, ଭୁବନେଶ୍ୱରରେ ରହିବା ସହ ସହର ଆଖପାଖ ଅଞ୍ଚଳରେ ଜମି କିଣିବା ଲାଗି ଇଚ୍ଛା ପ୍ରକାଶ କରି ଅଭିଯୁକ୍ତ ଗୟାଧର ଜେନାଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ଆଲୋଚନା ପର୍ଯ୍ୟାଲୋଚନା ପରେ ତାଙ୍କ ନିକଟରୁ ତିନିଗୋଟି ପ୍ଲଟ କିଣିବା ଲାଗି ସ୍ଥିର କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୧୫.୦୨.୨୦୧୧ ରୁ ୨୨.୦୮.୨୦୧୧ ମଧ୍ୟରେ ସେ ମୋଟ ୧୧,୨୦,୦୦୦ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ଏ ବାବଦରେ ଅଭିଯୁକ୍ତ ଗୟାଧର ତାଙ୍କୁ ୮ଟି ରସିଦ ଦେବା ସହିତ ବିଜୟଲକ୍ଷ୍ମୀ ମହାନ୍ତି, ସ୍ୱାମୀ ସୁରେନ୍ଦ୍ର କୁମାର ମହାନ୍ତି ଓ ପୁଅ ଧନଞ୍ଜୟ ମହାନ୍ତିଙ୍କ ନାମରେ ୩ଟି ପୃଥକ୍ ପୃଥକ ଏଗ୍ରିମେଣ୍ଟ ମଧ୍ୟ କରିଥିଲେ। କିନ୍ତୁ ଟଙ୍କା ନେବାର ପ୍ରାୟ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ସେ ଅଭିଯୋଗକାରିଣୀଙ୍କୁ କୌଣସି ପ୍ଲଟ୍ ଦେଇନଥିଲେ କିମ୍ବା ନେଇଥିବା ଟଙ୍କା ମଧ୍ୟ ଫେରସ୍ତ କରିନଥିଲେ। ବାରମ୍ବାର ଅନୁରୋଧ କରିବା ପରେ, ଅଭିଯୁକ୍ତ ଗତ ୩୧.୦୩.୨୦୧୪ ରେ ନେଇଥିବା ଟଙ୍କାରୁ କେବଳ ମାତ୍ର ୩୦,୦୦୦ ଟଙ୍କା ତାଙ୍କୁ ଫେରସ୍ତ ଦେଇପାରିଥିଲେ। ଏହାପରେ ସେ ଆଉ ଅଭିଯୋଗକାରିଣୀ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କର ଫୋନ୍ ଉଠାଇ ନଥିଲେ କି କୌଣସି ଯୋଗାଯୋଗ ରଖିନଥିଲେ। ଏହିଭଳି ଭାବରେ ଅଭିଯୁକ୍ତ ଗୟାଧର ଜେନା ପ୍ଲଟ୍ ଦେବାର ପ୍ରତିଶୃତି ଦେଇ ଅଭିଯୋଗକାରିଣୀଙ୍କ ଠାରୁ ମୋଟ ୧୧,୨୦,୦୦୦ ଟଙ୍କା ଠକି ନେଇଥିଲେ। ଶେଷରେ ଉପାୟ ଶୂନ୍ୟ ହୋଇ ଅଭିଯୋଗକାରିଣୀ ବିଜୟଲକ୍ଷ୍ମୀ ମହାନ୍ତି ଲକ୍ଷ୍ମୀସାଗର ଥାନାର ଆଶ୍ରୟ ନେଇଥିଲେ। ଅଭିଯୋଗକାରିଣୀଙ୍କ ଅଭିଯୋଗକୁ ଭିତ୍ତିକରି କରି ଲକ୍ଷ୍ମୀସାଗର ଥାନା କେସ ନଂ.-୩୫୧/୨୦୨୧, ଆଇପିସି ର ଧାରା-୪୨୦ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ଥାନା ସବ୍-ଇନ୍ସପେକ୍ଟର ଶ୍ରୀ ରାମାନନ୍ଦ ସାହୁ ଏହି ମାମଲାର ତଦନ୍ତ ଦାୟିତ୍ୱ ବହନ କରିଥିଲେ। ତଦନ୍ତ ଶେଷରେ ସେ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଜମି ଠକେଇ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିବା ସହ ଗତ ୦୭.୦୧.୨୦୨୨ ରେ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତ ଗୟାଧର ଜେନା ଜଣେ କୁଖ୍ୟାତ ଜମି ମାଫିଆ ଓ ଠକ ଭାବେ ପରିଚିତ। ତାଙ୍କ ବିରୋଧରେ ଭୁବନେଶ୍ୱରର ବିଭିନ୍ନ ଥାନା, ଯଥା ସହୀଦନଗର, ଲକ୍ଷ୍ମୀସାଗର, ବଡଗଡ ଓ ଖଣ୍ଡଗିରୀ ଥାନାରେ ୩୦ରୁ ଅଧିକ ଠକେଇ ସମ୍ବନ୍ଧୀୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହା ସହିତ ନିକଟ ଅତୀତରେ ଲକ୍ଷ୍ମୀସାଗର ଥାନା ମାମଲା- ୪୦୯/୨୦୨୧, ୩୫୪/୨୦୨୧, ୩୫୯/୨୦୨୧, ୩୫୬/୨୦୨୧ ଓ ଶହୀଦନଗର ଥାନା ମାମଲା-୪୯୬/୨୦୨୩ ରେ ତାଙ୍କୁ ୩ ବର୍ଷ ଲେଖାଏଁ ସଜା ହୋଇଥିବା ବେଳେ, ବଡଗଡ ଥାନା ମାମଲା-୨୪୯/୨୦୨୫ ଓ ଖଣ୍ଡଗିରି ଥାନା ମାମଲା-୪୦୪/୨୦୨୪ ରେ ମଧ୍ୟ ମାନ୍ୟବର ଅଦାଲତ ତାଙ୍କୁ ୨ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୭୭ ତମ ମାମଲା।

# କଣ୍ଟେନର ଧକ୍କାରେ ବାଇକ୍ ଆରୋହୀ ମୃତ: ଚାଳକ ଗିରଫ




ନିରାକାରପୁର(ନିପ୍ର):୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ଆର.ଆଇ ଅଫିସ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ମୃତ ବ୍ୟକ୍ତିଜଣକ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ କସନ୍ଦା ଗ୍ରାମର ବୁଦ୍ଧିବାମନ ନାୟକଙ୍କ ପୁଅ ତ୍ରିଲୋଚନ ନାୟକ (୪୮)। ମିଳିଥିବା ସୂଚନା ମୁତାବକ, ତ୍ରିଲୋଚନ ବଡ଼ପୋଖରିଆ ନିକଟସ୍ଥ ଭୀମରାଜ ଏକ୍ସପୋର୍ଟ ଆଣ୍ଡ ଇମ୍ପୋର୍ଟ ସଂସ୍ଥାରେ କାର୍ଯ୍ୟରତ ଥିଲେ। ଗୁରୁବାର (୧୩ ଅଗଷ୍ଟ) ଅପରାହ୍ନ ପ୍ରାୟ ୧ରୁ ୨ ଟା ମଧ୍ୟରେ ସେ ନିଜର ଏମସି ଯୋଗେ ଚାନ୍ଦପୁର ଆଡ଼କୁ ଯାଉଥିଲେ। ଏହି ସମୟରେ ବଡ଼ପୋଖରିଆ ଆର.ଆଇ ଅଫିସ୍ ସାମ୍ନାରେ ପଛପଟୁ ଦ୍ରୁତ ଓ ବେପରୁଆ ଭାବେ ଆସୁଥିବା ଏକ କଣ୍ଟେନର ଟ୍ରକ୍ (ନଂ- ଟିଏସ୍୧୦ୟୁଡ଼ି-୦୦୨୯) ତାଙ୍କ ବାଇକକୁ ସଜୋରରେ ଧକ୍କା ଦେଇଥିଲା।ଧକ୍କା ପ୍ରଭାବରେ ତ୍ରିଲୋଚନ ରାସ୍ତା ଉପରେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କ୍ୟାପିଟାଲ ଥାନାରେ ଏକ ଅପମୃତ୍ୟୁ ମାମଲା (କେସ୍ ନଂ- ୨୧୩/୨୬) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ଦୁର୍ଘଟଣା ପାଇଁ ଦାୟୀ କଣ୍ଟେନର ଟ୍ରକ୍ର ଚାଳକ ସଭାଜିତ୍ ଯାଦବଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଏହାସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କଣ୍ଟେନର ଟ୍ରକ୍କୁ ପୋଲିସ ଜବତ କରି ଥାନାରେ ରଖି ଅଧିକ ତଦନ୍ତ ଜାରି ରଖିଛି।

# ପେସାଦାର ବାଇକ ଲୁଟେରା ଗିରଫ: ୭ ମୋଟର ସାଇକେଲ ଜବତ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ଜଣେ ପେସାଦର ବାଇକ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ୭ଟି ଚୋରି ମୋଟର ସାଇକେଲ ଜବତ କରିଛି। ଗିରଫ ଅଭିଯୁକ୍ତ ସାଲେପୁର ଥାନା ଅନ୍ତର୍ଗତ ଛାଣିପୁରର ସନ୍ତୋଷ ଦେବତା ଓରଫ ସିପୁ ଓରଫ ମୂଷା(୨୪)। ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ଜୁନ ୩୦ ତାରିଖରେ ଜଗତପୁର ଖଇରା ପୋଲ ନିକଟ ବସ ବଡି ଗ୍ୟାରେଜ ପାର୍କିଙ୍ଗରୁ ସ୍ଥାନୀୟ ଭୁବନପୁରର ଅଶୋକ କୁମାର ପଣ୍ଡାଙ୍କ ହୁଣ୍ଡା ଆକ୍ଟିଭା ( ଓଡି ୦୭ ଏଚ ୧୮୨୯) ଚୋରି ହୋଇଯାଇଥିଲା। ସେ ଖୋଜାଖୋଜି କରି ନପାଇବାରୁ ଜୁଲାଇ ୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ଗୁପ୍ତ ସୂଚନାକାରୀ ନିଯୁକ୍ତି କରିଥିଲା। ସେହି ତଥ୍ୟରୁ ମୂଷା ଏହି ଚୋରି କରିଥିବା ଜାଣିବା ପରେ ତା' ଘରେ ଚଢ଼ାଉ କରି ଘର ପଛପଟେ ରଖାଯାଇଥିବା ୭ଟି ଗାଡି ଜବତ କରିଛି। ମୂଷା କଟକ, ସାଲେପୁର, ଯାଜପୁର ଆଦି ଅଂଚଳରୁ ନିୟମିତ ଗାଡି ଚୋରିକରି କୋରାପୁଟ ଆଦି ଅଂଚଳରେ ବିକ୍ରି କରେ। ତା' ବିରୋଧରେ ଜଗତପୁର, ବାଦାମବାଡ଼ି, ମଙ୍ଗଳାବାଗ, ସାଲେପୁର, ଯାଜପୁର ରୋଡ଼ ଥାନାରେ ୬ଟି ମାମଲା ଥିବା ଜଣାପଡିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ତା'ର ଅପରାଧିକ କାର୍ଯ୍ୟକଳାପର ଖୋଳତାଡ଼ ଜାରି ରହିଛି।

---

# ମିନି ଟ୍ରକ୍ ଧକାରେ ବାଇକ ଚାଳକ ମୃତ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ ଛକ ବନ୍ଧେଷ୍ଟିଲ ନିକଟରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୋଟରସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବୁଗୁଡ଼ା ବ୍ଲକ ଏ.କରଡ଼ାବାଡ଼ି ଗ୍ରାମର ସୁନୀଲ କୁମାର ଡାଙ୍ଗୁଆ। ସୂଚନା ଅନୁସାରେ, ବ୍ରହ୍ମପୁରରୁ ଚାଉଳ ବୋଝେଇ କରି ଆସିଥିବା ଏକ ମିନି ଟ୍ରକ୍ ଯାହାର ନମ୍ବର ଓଡି -୩୨ସି, ୫୭୭୫ ବେଲଗୁଣ୍ଠାରେ ଚାଉଳ ଖାଲି କରି କୁଲାଡ଼ ଅଭିମୁଖେ ଯାଉଥିଲା। ଅନ୍ୟପଟେ ସୁନୀଲ କୁମାର ଡାଙ୍ଗୁଆ ତନରଡ଼ା ପଟୁ ନିଜ ଗ୍ରାମ ଏ କରଡ଼ାବାଡି ଅଭିମୁଖେ ହିରୋ ଗ୍ଲାମର ମୋଟରସାଇକେଲରେ ଯାଉଥିଲେ। ବନ୍ଧେଷ୍ଟିଲ ନିକଟରେ ଦୁଇ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାରେ ସୁନୀଲ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏକ ଆମ୍ବୁଲାନ୍ସ ରେ ସୁନିଲଙ୍କୁ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ। ଡାକ୍ତର ସେଠାରେ ସୁନିଲଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ତହସିଲଦାର କଳାକୃଷ୍ଣ ପ୍ରଧାନ ଏବଂ ବେଲଗୁଣ୍ଠା ଥାନା ଏସ୍.ଆଇ. ସନ୍ତୋଷ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ବେଲଗୁଣ୍ଠା ପୁଲିସ୍ ଦୁର୍ଘଟଣା ଘଟଇଥିବା ଗାଡିକୁ ଜବତ କରିବା ସହ ଗାଡିର ଡ୍ରାଇଭର ଗୋଲାପଡା ଗ୍ରାମର ଜଗନ୍ନାଥ ଗୁରୁକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

---

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ଶାସନ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରମେଶ ଖୁଣ୍ଟିଆ (୬୨)। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ରମେଶ ଶୁକ୍ରବାର ଭୋର ପ୍ରାୟ ୫ଟା ସମୟରେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ସେ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସମୟରେ ପୋଖରୀ ହିଡ଼ରେ ତାଙ୍କ ଲୁଗାପଟା ଥିବା ଦେଖିଥିଲେ। ଏଥିରୁ ସେ ପୋଖରୀରେ ବୁଡ଼ିଯାଇଥିବା ନେଇ ସନ୍ଦେହ ହୋଇଥିଲା। ପରେ ଖୋଜାଖୋଜି କରାଯିବାରୁ ପୋଖରୀରୁ ରମେଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହକୁ ଭଞ୍ଜନଗର ମେଡିକାଲକୁ ନେଇ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ରମେଶଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ସଞ୍ଜୟ ପ୍ରଧାନ ଦାବି କରିଛନ୍ତି।

# ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

କାକଟପୁର(ନିପ୍ର): କାକଟପୁର ଥାନା ଅଂଚଳର ଜଣେ ନାବାଳିକାଙ୍କୁ ଅନୁଗୋଳ ଜିଲ୍ଲାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି କାକଟପୁର ପୋଲିସ। ପ୍ରାପ୍ତ ସୂଚନା ମୁତାବକ, କାକଟପୁର ଥାନା କେସ୍ ନଂ-୨୭୨/୨୬ ଅନୁଯାୟୀ ଏହି ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ପିଣ୍ଟୁ ସ୍ୱାଇଁ (୧୯), ଯିଏକି ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ବଡ଼ ଓଲଙ୍ଗର ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପୁତ୍ର, ତାଙ୍କୁ ପୁଲିସ ଗିରଫ କରିଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା ଜାରି ରହିଛି ବୋଲି କାକଟପୁର ଥାନା ଅଧିକାରୀ ବସନ୍ତ ସାହୁ ସୂଚନା ଦେଇଛନ୍ତି।

---

# ପୁରୀ ଷ୍ଟେସନ ନିକଟରେ ତାଳଚେର-ପୁରୀ ଏକ୍ସପ୍ରେସ୍ ଲାଇନଚ୍ୟୁତ




ପୁରୀ(ନିପ୍ର): ପୁରୀ ରେଲୱେ ଷ୍ଟେସନ ନିକଟ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଲା ତାଳଚେର-ପୁରୀ ଏକ୍ସପ୍ରେସ। ପୁରୀ ଷ୍ଟେସନ୍‌ଠାରୁ ମାତ୍ର ପ୍ରାୟ ୫୦୦ ମିଟର ଦୂରରେ ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଟ୍ରେନ୍‌ର ଇଞ୍ଜିନଟି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ତାଳଚେରରୁ ପୁରୀ ଅଭିମୁଖେ ଆସୁଥିବା ବେଳେ ଷ୍ଟେସନ୍ ନିକଟରେ ଘଟିଥିଲା ଏହି ଅଘଟଣ। ହଠାତ୍ ଟ୍ରେନ୍‌ଟି ଲାଇନଚ୍ୟୁତ ହେବାରୁ ଯାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ତେବେ ଏହି ଘଟଣାରେ କୌଣସି ଯାତ୍ରୀଙ୍କ ମୃତାହତ ହୋଇନଥିବା ସୂଚନା ମିଳିଛି। ଅଘଟଣ ପରେ ରେଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଲାଇନଚ୍ୟୁତ ହୋଇଥିବା ଟ୍ରେନ୍‌କୁ ସ୍ୱାଭାବିକ ଭାବେ ଟ୍ରାକ୍‌ରେ ଆଣିବା ଏବଂ ରେଳ ଚଳାଚଳକୁ ସୁଗମ କରିବା ପାଇଁ କାମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ତେବେ ଟ୍ରେନ୍‌ଟି କେଉଁ କାରଣରୁ ଲାଇନଚ୍ୟୁତ ହେଲା ତାହା କିଛି ସ୍ପଷ୍ଟ ହୋଇନି।

---

### ବୈତରଣୀରେ ନଦୀରେ ପୁଣି ବନ୍ୟା

# ଗେଙ୍ଗୁଟି ନଦୀରେ ଭାସି ଚାଷୀ ନିଖୋଜ

ଧାମନଗର(ନିପ୍ର): ଲଘୁଚାପଜନିତ ଲଗାଣ ବର୍ଷା ପରେ ପୁଣି ଧାମନଗରକୁ ଦ୍ୱିତୀୟ ବନ୍ୟାରେ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଟପିବା ସହ କୋଚିଲା ଓ ଗେଙ୍ଗୁଟି ନଦୀରେ ମଧ୍ୟ ବନ୍ୟାଜଳ ବଢ଼ିବାରୁ ଧାମନଗର ବ୍ଲକର ପୁଣି ବନ୍ୟା ଦେଖାଦେଇଛି। ଦୋବଲ, ଖଡ଼ିପଦା, ଆନନ୍ଦପୁର, କରଦା, ଶୋହଡା, ପଧାନି, ଅର୍ଜୁନପୁର, ହସନାବାଦ ଆଦି ପଞ୍ଚାୟତ ର ବିଭିନ୍ନ ଗାଁ ଓ ଚାଷଜମିକୁ ବନ୍ୟାଜଳ ପ୍ରବେଶ କରିଥିବାବେଳେ ଦୋବଲ - କ୍ଷେତ୍ରପୁର, ଖଡ଼ିପଦା - ଆନନ୍ଦପୁର ଓ କାଞ୍ଜିଆପାଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶୁକ୍ରବାର ସକାଳେ ଆନନ୍ଦପୁର ପଞ୍ଚାୟତ ପାହାଡ଼ପୁର ଯେନାସାହିର ଗଣେଶ ଯେନା (୫୦) ବିଲକୁ ଧାନ ରୋଇବାକୁ ଯାଇଥିବା ବେଳେ ବନ୍ୟା ପାଣି ମାଡିଆସିଥିଲା। ଗଣେଶ ବନ୍ୟାପାଣିରେ ଭାସିଯାଇ ନିଖୋଜ ହୋଇଛନ୍ତି। ଖବରପାଇ ପରିବାର ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଓଡ୍ରାଫ୍ ଟିମ ମଧ୍ୟ ଖୋଜାଖୋଜି କରି ବିଫଳ ହୋଇଥିଲେ ସଂଧ୍ୟା ହେବାରୁ ପୁଣି ଶନିବାର ଖୋଜା ଯିବ। ବନ୍ୟା ପରିସ୍ଥିତିକୁ ନେଇ ଧାମନଗର ପ୍ରଶାସନ ପକ୍ଷରୁ ସଜାଗ ରହିଛନ୍ତି। ଆବଶ୍ୟକସ୍ଥଳେ ଲୋକଙ୍କୁ ଉଚ୍ଚସ୍ଥାନ, ବନ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଗୃହକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି।

# ମୋବାଇଲ ଚୋରକୁ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ଆଜି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ସୁଶ୍ରୀ କାରୋଣିକା ଘୋଷ, ଗତ ୨୦୨୫ ମସିହା ସେପ୍ଟେମ୍ବର ମାସରେ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିବା ଏକ ଚୋରୀ ମାମଲାର ବିଚାର କରି ଅଭିଯୁକ୍ତ ଆଶିଷ ପ୍ରଧାନଙ୍କୁ ସଜା ଶୁଣାଇଛନ୍ତି। ଘଟଣାକ୍ରମେ: ଅଭିଯୋଗକାରୀ ପ୍ରସନ୍ନ ସେନାପତି ପରିବାର ସହ କେସୁରାସ୍ଥିତ ବାସୁଦେବ ମନ୍ଦିର ନିକଟରେ ରୁହନ୍ତି। ଗତ ୩୧.୦୮.୨୦୨୫ ବିଳମ୍ବିତ ରାତିରେ ସେ ଭିଆଇପି କଲୋନୀ ନିକଟସ୍ଥ ଗଜାନନ ପୂଜା କମିଟି ପେଣ୍ଡାଲ ନିକଟରେ ବିଶ୍ରାମ ନେଉଥିଲେ। ଏହି ସମୟରେ କୌଣସି ଅଜଣା ଦୁର୍ବୃତ୍ତ ସୁଯୋଗ ଉଣ୍ଡି ତାଙ୍କ ନିକଟରୁ ରୂପାର ଦୁଇଟି ବ୍ରେସଲେଟ ଓ ମୋବାଇଲ ଫୋନ ଚୋରୀକରି ନେଇଯାଇଥିଲେ। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ଚୋରୀଯାଇଥିବା ସାମଗ୍ରୀ ମିଳିନଥିଲା। ଫଳରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି କରି ନୟାପଲ୍ଲୀ ଥାନା କେସ ନଂ.-୫୦୨/୨୦୨୫, ବିଏନଏସ ର ଧାରା-୩୦୩ (୨) ରେ ମାମଲା ରୁଜୁ ହୋଇଥିଲା ଏବଂ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ରମାକାନ୍ତ ମହାନ୍ତି ଏହି ମାମଲାର ତଦନ୍ତ ଦାୟିତ୍ୱ ବହନ କରିଥିଲେ। ତଦନ୍ତ ଶେଷରେ ସେ ଅଭିଯୁକ୍ତ ଆଶିଷ ପ୍ରଧାନଙ୍କୁ ଏହି ଚୋରୀ ମାମଲାରେ ଗିରଫ କରିବା ସହ ତାଙ୍କୁ ମାନ୍ୟବର ଅଦାଲତଙ୍କ ନିକଟରେ ହଜାର କରିଥିଲେ। ମାନ୍ୟବର ଅଦାଲତ ୮ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୭ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକୁ ଅଧ୍ୟୟନ କରି ଆଜି ବିଚାର କାର୍ଯ୍ୟର ପରିସମାପ୍ତି କରିଥିଲେ। ସେ ତାଙ୍କ ରାୟରେ ଅଭିଯୁକ୍ତ ଆଶିଷ ପ୍ରଧାନଙ୍କୁ ଏହି ଚୋରୀ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ବିଏନଏସ ର ଧାରା-୩୦୩(୨) ଅନୁଯାୟୀ ୧ ବର୍ଷ ସରଳ କାରାଦଣ୍ଡ ସହିତ ୧,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧୦ ଦିନର ସରଳ କାରାଦଣ୍ଡ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ମିସ ଚିରନ୍ତନୀ ବାଗ ଏବଂ ଶ୍ରୀ ବିଜୟ କୁମାର ବାରିକ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୭୮ ତମ ମାମଲା।

# ଗୋରୁ ଚୋରା ଚାଲାଣ: ୩ଜଣଙ୍କୁ କୋର୍ଟ ଚାଲାଣ

ଭାପୁର(ନିପ୍ର): ଫତେଗଡ଼ ଥାନା ଅଞ୍ଚଳରୁ ଗୋରୁ ଚୋରା ଚାଲାଣ କରୁଥିବା ବେଳେ ୩ ଜଣ ଧରାପଡି ଜେଲ ଯାଇଛନ୍ତି। ବିଜିପୁର ଗ୍ରାମର ବେଣୁଧର ପରିଡା, ମାଣିତ୍ରି ଗ୍ରାମର ପ୍ରତାପ ରାଉତ ଏବଂ କରବର ଗ୍ରାମର ଦିଲ୍ଲୀପ କୁମାର ମଲ୍ଲିକ ଟାଟା ଏସି ଗାଡି ନଂ ଓଡି୦୫ ସିଜେ ୫୬୧୮ରେ ଗୋରୁ ଚୋରା ଚାଲାଣ କରୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଫତେଗଡ଼ ପୋଲିସ ଉପରୋକ୍ତ ଗାଡିକୁ ଜବତ କରିବା ସହିତ ୨୭୨/୨୬ରେ ମାମଲା ରୁଜୁକରି ଉପରୋକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଗୋରୁମାନଙ୍କୁ ଜାମୁସାହି ଗ୍ରାମରେ ଅବସ୍ଥିତ ଗୋଶାଳାରେ ଛଡା ଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ନିକଟରେ ଛକି ରହିଥିବାବେଳେ ଏକ ପିକଅପ ଭ୍ୟାନରେ ୩ ଗୋଟି ଷଣ୍ଢ ଲଦା ହୋଇ ଯାଉଥିଲେ।

# ମଲାଗୁଣୀ ନଦୀକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ମଲାଗୁଣୀ ନଦୀକୁ ଡେଇଁ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଥିବା ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମୃତ ଯୁବକ ଜଣକ ଲେଣ୍ଡୁ ପଞ୍ଚାୟତ ଯାଜପୁର ଗ୍ରାମର ବାବନ ପ୍ରଧାନଙ୍କ ପୁତ୍ର ଜିତେନ୍ଦ୍ର ପ୍ରଧାନ (୪୨) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଜିତେନ୍ଦ୍ର ନିଜ ବାଇକ୍ ଓ ମୋବାଇଲ୍ ଫୋନ୍‌କୁ ଜଙ୍କିଆ ମଲାଗୁଣୀ ନଦୀ ପୋଲ ଉପରେ ରଖି ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଜଙ୍କିଆ ଥାନା ପୁଲିସକୁ ଖବର ଦେଇଥିଲେ। ଖବରପାଇ ଜଙ୍କିଆ ପୁଲିସ, ଟାଙ୍ଗୀ ଏବଂ ଖୋର୍ଦ୍ଧା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବ୍ୟାପକ ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟର ଖୋଜାଖୋଜି ପରେ ଜିତେନ୍ଦ୍ରଙ୍କ ଶବ ନଦୀରୁ ଉଦ୍ଧାର କରାଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ମୃତ ଜିତେନ୍ଦ୍ର ପେଷାରେ ଜଣେ ଟ୍ରଲର ଡ୍ରାଇଭର ଥିଲେ ଏବଂ ରାଜ୍ୟ ବାହାରେ ରହି ଗାଡ଼ି ଚାଳନା କରୁଥିଲେ। ତାଙ୍କର ଅକାଳ ବିୟୋଗରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଘରେ ତାଙ୍କର ସ୍ତ୍ରୀ, ଦୁଇ ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ସେମାନେ ଏବେ ଅସହାୟ ହୋଇପଡ଼ିଛନ୍ତି। ଏଣୁ ଶୋକସନ୍ତପ୍ତ ପରିବାରକୁ ତୁରନ୍ତ ଆର୍ଥିକ ତଥା ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଦୃଢ଼ ଦାବି ହୋଇଛି।

# ତୁରେଇ ତାରିଣୀ ମନ୍ଦିରରୁ ଚୋରି

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ତୁରେଇ ତାରିଣୀ ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ମା'ଙ୍କ ମୁକୁଟ ସମେତ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଏବଂ ନଗଦ ସାଢ଼େ ତିନିହଜାର ଟଙ୍କା ଚୋରି କରି ନେଇଛନ୍ତି। ଶୁକ୍ରବାର ସକାଳେ ମନ୍ଦିର ପୂଜାରୀ ଆସି ତାଲା ଭାଙ୍ଗିଥିବା ଦେଖି ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହୁଲପାଲି ପୋଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ କରୁଛି।


**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ. ଏବଂ ତାରିଖ : DCM-JDB-PARK-1, ତାରିଖ 10.08.2026

ନିଲାମ ଲଟ୍ ନଂ. PARKING-RGDA-JDB-MX-5-26-1

କାର୍ଯ୍ୟର ଆସେଟ୍ ବିବରଣୀ : (ରାୟଗଡ଼ା ମଣ୍ଡଳ)ରେ ଜଗଦଲପୁର ରେଳ ଷ୍ଟେସନର ସ୍ଥାନ - ପରିଚାଳନା ଏରିଆଠାରେ ଦୁଇ ଚକିଆ, ତିନି ଚକିଆ ଏବଂ ଚାରିଚକିଆ ଯାନଗୁଡ଼ିକ ନିମନ୍ତେ ପାର୍କିଙ୍ଗ୍ ଲଟ୍।

ଚୁକ୍ତି ଅବଧି : 03 ବର୍ଷ।

ଦର ୟୁନିଟ୍ : ବାର୍ଷିକ ଲାଇସେନ୍ସ ଶୁଳ୍କ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.25.08.2026 ରିଖ 1100 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.25.08.2026 ରିଖ 1130 ଘଟିକା।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ)/ ରାୟଗଡ଼ା

PR-363/R/26-27



**OFFICE OF THE SUPERINTENDING ENGINEER MINORIRRIGATION DIVISION, GANJAM-II, BERHAMPUR. GOVERNMENT OF ODISHA**

**1ST CORRIGENDUM BID IDENTIFICATION No: GMID-II/03/2026-27**

Due to some unavoidable circumstances and error in Bill of Quantity the availability of tender for online bidding is extended upto 17.00 Hrs of dt. 25.08.2026. Date of opening of tender is on dt. 28.08.2026 at 11.30 A.M. instead of dt.19.08.2026 and financial bid opening for double cover is on dated 31.08.2026.

All other terms and conditions will remain unchanged.

32001/699/2627
OIPR 32001/32043/1/26-27/0006

*S/d-* Superintending Engineer
M.I.Division, Ganjam-II Berhamp



**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT** 19001/192/2627

OFFICE OF THE PANCHAYAT SAMITI, NARASINGHPUR
'e' mail ID : ori-narsinghpur@nic.in

**'e' Procurement Notice No.BDO-NPS-01 of 2026-27**

| | | |
|---|---|---|
| 1 | Name of the work | Development of Tourism Infrastructure at Mausi Maa and Dakhinakali Temple |
| 2 | Tender Amount (Approx.) | Rs.27.12 Lakh |
| 3 | EMD (online) | Rs.27,200.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "C"&"B" Class Contractor |
| 6 | Period of Completion | 06 (Six) Calendar Months |
| 7 | Availability of Tender | From 19.08.2026 at 10.00 hours to 07.09.2026 at 17.30 hours |
| 8 | Last date & time for seeking tender clarification | 03.09.2026 at 1 P.M during office hours |
| 9 | Date & Time of opening of BID | 08.09.2026 at 11.00 Hours in the O/o the Panchayat Samiti, Narasinghpur |

Further details can be seen from the Govt. web site "https://tendersodisha.gov.in
All corrigendum / cancellation of tender if any, will only be uploaded in the above website

OIPR 19001/19046/1/26-27/0001

*S/d- BLOCK DEVELOPMENT OFFICER, NARASINGHPUER*


# ଆନୀହାଉସ ଛକ ହତ୍ୟା ମାମଲା: ହତ୍ୟାକାରୀଙ୍କୁ ଜେଲଦଣ୍ଡ

ଭୁବନେଶ୍ୱର(ନି.ପ୍ର): ଶୁକ୍ରବାର ମାନ୍ୟବର ଅତିରିକ୍ତ ସେସନ୍ସ ଜଜ୍-କମ୍-ସ୍ୱତନ୍ତ୍ର ଜଜ୍, ସିବିଆଇ-୨, ରାଜ କିଶୋର ଲେଙ୍କା, ଗତ ୨୦୨୫ ମସିହା ଅପ୍ରେଲ ମାସରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଆସାମୀ ପ୍ରଭୁ ଓରଫ ପବିତ୍ର ଭୋଇଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସଜା ଶୁଣାଇଛନ୍ତି। ଘଟଣାରଅନ୍ତରାଳେ: ଅଭିଯୋଗକାରୀ ସଞ୍ଜୟ ଭଞ୍ଜ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆନୀହାଉସ ଛକ ନିକଟରେ ଥିବା ମା ଶକ୍ତି ସ୍ୱରୂପିଣୀ ମଠ ପରିସର ମଧ୍ୟରେ ରହୁଥିଲେ ଏବଂ ତାଙ୍କର ଅଭିଯୁକ୍ତ ପ୍ରଭୁ ଓରଫ ପବିତ୍ର ଭୋଇଙ୍କ ସହିତ ପୂର୍ବରୁ ଚିହ୍ନାପରିଚୟ ଥିଲା। ଉକ୍ତ ମଠ ପଛ ପାଖରେ ଏକ ଛୋଟ କେନାଲ୍ ଥିଲା। ଘଟଣା ଦିନ ଅର୍ଥାତ ତା.୨୪.୦୪.୨୦୨୫ ସନ୍ଧ୍ୟାରେ ଅଭିଯୋଗକାରୀ ଉକ୍ତ କେନାଲ ନିକଟକୁ ବୁଲିବା ଉଦ୍ଦେଶ୍ୟରେ ଯାଇଥିବା ବେଳେ, ପୂର୍ବରୁ ଅଭିଯୁକ୍ତ ପ୍ରଭୁ ସେଠାରେ ବସି ମଦ୍ୟପାନ କରୁଥିଲେ। ଏହା ଦେଖି ଅଭିଯୋଗକାରୀ ଧାର୍ମିକ ସ୍ଥଳ ନିକଟରେ ବସି ମଦ୍ୟପାନ ନକରିବା ଲାଗି ପ୍ରଭୁଙ୍କୁ ବାରଣ କରିଥିଲେ। ଏହାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଅଭିଯୁକ୍ତ ଜଣକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଉତ୍ତ୍ୟକ୍ତ ହୋଇ ପାଖରେ ପଡିଥିବା ଏକ ଇଟା ସାହାଯ୍ୟରେ ହଠାତ ଅଭିଯୋଗକାରୀଙ୍କ ମୁଣ୍ଡକୁ ଲକ୍ଷକରି ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କ ଦ୍ୱାରା ଏତାଦୃଶ ଆକ୍ରମଣ ଯୋଗୁଁ ଅଭିଯୋଗକାରୀ ଜଣକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି ତୁରନ୍ତ ନିକଟସ୍ଥ ମ୍ୟୁନିସିପାଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏନେଇ ଅଭିଯୋଗକାରୀ ସଞ୍ଜୟ ଭଞ୍ଜ ପରେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ଉପରୋକ୍ତ ଘଟଣାକୁ କେନ୍ଦ୍ରକରି ଏୟାରଫିଲ୍ଡ ଥାନା କେସ୍ ନମ୍ବର-୧୩୪/୨୦୨୫ ରେ ମାମଲା ରୁଜୁ ହୋଇଥିବା ବେଳେ, ଥାନା ସବ୍-ଇନ୍ସପେକ୍ଟର ଶ୍ରୀମତୀ ଅଞ୍ଜଳି ନାୟକ ଏହାର ପ୍ରାଥମିକ ତଦନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ଅଞ୍ଜଳି ନାୟକଙ୍କ ଅନ୍ୟ ସ୍ଥାନକୁ ବଦଳି ଯୋଗୁଁ, ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ରଞ୍ଜିତ କୁମାର ପ୍ରଧାନ ଏହାର ତଦନ୍ତ ଭାର ଗ୍ରହଣ କରିଥିଲେ। ସେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ପ୍ରଭୁ ଓରଫ ପବିତ୍ର ଭୋଇଙ୍କୁ ତୁରନ୍ତ ଗିରଫ କରିବା ସହ ମାନ୍ୟବର ଅଦାଲତଙ୍କ ନିକଟରେ ହଜାର କରିଥିଲେ। ମାନ୍ୟବର ଅଦାଲତ ମୋଟ ୦୬ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ପ୍ରାସଙ୍ଗିକ ଦଲିଲପତ୍ର ଗୁଡିକୁ ଅଧ୍ୟୟନ କରି ଉକ୍ତ ମାମଲାର ଚୂଡ଼ାନ୍ତ ବିଚାର କାର୍ଯ୍ୟ ଆଜି ସମାପ୍ତ କରିଥିଲେ। ମାନ୍ୟବର ଅଦାଲତ ତାଙ୍କ ରାୟରେ ଅଭିଯୁକ୍ତ ପ୍ରଭୁ ଓରଫ ପବିତ୍ର ଭୋଇଙ୍କୁ ବିଏନଏସ ର ଧାରା-୧୧୮ (୧) ଆଧାରରେ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୩,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧୫ ଦିନ ଲାଗି ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସେହିପରି, ଧାରା-୧୨୬ (୨) ଆଧାରରେ ଅଭିଯୁକ୍ତଙ୍କୁ ୧ମାସ ପାଇଁ ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ଉପରୋକ୍ତ ଉଭୟ ସଜା ଏକକାଳୀନ ଭାବେ ଲାଗୁ କରିବା ଲାଗି ମାନ୍ୟବର ଅଦାଲତ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ବିଶ୍ୱ ନାରାୟଣ ମହାନ୍ତି ଓ ମନୋଜ କୁମାର ଦାସ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୭୬ ତମ ମାମଲା।

# ବାଜି ରାଉତଙ୍କ ଜନ୍ମସ୍ଥାନରେ ତ୍ରିରଙ୍ଗା ପଦଯାତ୍ରା: ସାମିଲ ହେଲେ ଧର୍ମେନ୍ଦ୍ର ପ୍ରଧାନ



**ଢେଙ୍କାନାଳ/ଭୁବନ/ ଭୁବନେଶ୍ୱର,୧୪/୮(ନିପ୍ର):** ବୀର ବାଜି ରାଉତ ହେଉଛନ୍ତି ଯୁବକତ୍ୱ, ତ୍ୟାଗ, ସାହସ, ଦେଶପ୍ରେମ ଓ ବଳିଦାନର ଅମର ପ୍ରତୀକ । ଖେଳକୁଦ ବୟସରେ ଦେଶ ମାତୃକା ପାଇଁ ସେ ଯେଉଁଭଳି ନିର୍ଭୀକତାର ସହ ବଳିଦାନ ଦେଇଥିଲେ, ତାହା ଆଜିର ନୂଆପିଢ଼ି ପାଇଁ ବୀରତ୍ୱର ଚରମ ନିଦର୍ଶନ ବୋଲି କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୁକ୍ରବାର ଦେଶର ସର୍ବକନିଷ୍ଠ ବୀର ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ପବିତ୍ର ଜନ୍ମସ୍ଥାନ ଢେଙ୍କାନାଳ ଜିଲ୍ଲା ଭୁବନ ନୀଳକଣ୍ଠପୁରରେ ଆୟୋଜିତ 'ତ୍ରିରଙ୍ଗା ପଦଯାତ୍ରା ସମାରୋହ'ରେ ସାମିଲ ହୋଇଥିଲେ । ଏଠାରେ 'ଶହୀଦ ବାଜି ରାଉତ ସ୍ମୃତି ସ୍ତମ୍ଭ'ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶ ପ୍ରତି ବୀର ବାଜି ରାଉତଙ୍କ ଅବଦାନ ଅତୁଳନୀୟ । ଖେଳକୁଦ ବୟସରେ ମାତୃଭୂମିର ସ୍ୱାଭିମାନ ରକ୍ଷା ପାଇଁ ସେ ଇଂରେଜମାନଙ୍କ ଠାରୁ ଗୁଳି ଖାଇବାକୁ ଶ୍ରେୟସ୍କର ମଣିଥିଲେ । ତାଙ୍କର ଜନ୍ମସ୍ଥାନକୁ ଏକ ସାଧାରଣ ଭୌତିକ ସ୍ମରଣିକାରେ ସୀମିତ ନରଖି, ଏହାକୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଯୋଗାଉଥିବା ଏକ ଅନନ୍ୟ 'ପ୍ରେରଣାର କେନ୍ଦ୍ର' ଭାବେ ଗଢ଼ିତୋଳାଯିବ । ଏହି ସଂଗ୍ରାମୀ ମାଟିର ପରମ୍ପରାକୁ ସ୍ମରଣ କରି ସେ କହିଛନ୍ତି ଯେ, ବିପ୍ଳବୀ ସାରଙ୍ଗଧର ଦାସ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ, ମୂଷା ମଲ୍ଲିକ, ମହେଶ ଚନ୍ଦ୍ର ସୁବାହୁ ସିଂହ, ପବିତ୍ର ମୋହନ ପ୍ରଧାନଙ୍କ ଭଳି ମହାନୁଭବଙ୍କ ଅତୁଳନୀୟ ତ୍ୟାଗ ବଳରେ ଇଂରେଜ ଶାସନ ବିରୋଧରେ ଏହି ଅଞ୍ଚଳ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ କେନ୍ଦ୍ର ପାଲଟିଥିଲା । ସେତେବେଳେ ଦେଶ ପାଇଁ ବଳିଦାନ ଦେବାର ଆବଶ୍ୟକତା ଥିଲା, ମାତ୍ର ଆଜି ଦେଶ ପାଇଁ ବଞ୍ଚିବାର ଆବଶ୍ୟକତା ରହିଛି ।

# ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ



ଭୁବନେଶ୍ୱର,୧୪/୮(ନିପ୍ର): ଆସନ୍ତା ସୋମବାର ଅଗଷ୍ଟ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଆସନ୍ତା ସୋମବାର' ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ନକଲି ସୋସିଆଲ ମିଡିଆ ପ୍ରୋଫାଇଲ୍‌ରେ ଅଶ୍ଳୀଳ ଫଟୋ ପ୍ରସାରଣ: ମୁଖ୍ୟ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା, ୧୪/୮(ନିପ୍ର): ସାଇବର ଷ୍ଟକିଂ, ନକଲି ସୋସିଆଲ ମିଡିଆ ପ୍ରୋଫାଇଲ୍ ତିଆରି, ଅଶ୍ଳୀଳ ଫଟୋ ଓ ଭିଡିଓ ପ୍ରସାରଣ, ଧମକ ଏବଂ ମହିଳାଙ୍କ ଗୋପନୀୟତା ଉଲ୍ଲଂଘନ ଭଳି ଅଭିଯୋଗରେ ଝାରସୁଗୁଡ଼ା ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସ ପୁଲିସ ଷ୍ଟେସନର କେସ୍ ନଂ-୨୫/୨୦୨୬ର ତଦନ୍ତରେ ଏହି ସଫଳତା ମିଳିଛି । ପୁଲିସ ସୂଚନା ଅନୁଯାୟୀ, ଜଣେ ଅଭିଯୋଗକାରୀ ତାଙ୍କ ଭଉଣୀଙ୍କ ନାମରେ ଅଜଣା ବ୍ୟକ୍ତି ଏକ ନକଲି ଇନ୍‌ଷ୍ଟାଗ୍ରାମ୍ ପ୍ରୋଫାଇଲ୍ ଖୋଲିଥିବା ନେଇ ଅଭିଯୋଗ କରିଥିଲେ । ଉକ୍ତ ପ୍ରୋଫାଇଲ୍ ରେ ପୀଡ଼ିତାଙ୍କ ଅଶ୍ଳୀଳ ଫଟୋକୁ ପ୍ରୋଫାଇଲ୍ ପିକ୍ଚର ଭାବେ ବ୍ୟବହାର କରାଯାଇଥିଲା । ଏହାସହ ଅଭିଯୁକ୍ତ ଏକାଧିକ ନକଲି ପ୍ରୋଫାଇଲ୍ ମାଧ୍ୟମରେ ପୀଡ଼ିତାଙ୍କୁ ଅଶ୍ଳୀଳ ଫଟୋ, ଭିଡିଓ ଓ ଧମକପୂର୍ଣ୍ଣ ବାର୍ତ୍ତା ପଠାଇବା ସହ ବାରମ୍ବାର ଯୋଗାଯୋଗ କରୁଥିଲେ । ଫଳରେ ପୀଡ଼ିତା ମାନସିକ ନିର୍ଯାତନା ଓ ଗଭୀର ଚାପର ଶିକାର ହୋଇଥିଲେ । ଘଟଣାର ତଦନ୍ତ ସମୟରେ ଝାରସୁଗୁଡ଼ା ପୁଲିସ ଡିଜିଟାଲ ପ୍ରମାଣ ସଂଗ୍ରହ ଓ ବିଶ୍ଳେଷଣ କରିଥିଲା । ମେଟା ପ୍ଲାଟଫର୍ମ ଓ ଗୁଗଲ୍ ରୁ ଆଇନସମ୍ମତ ଭାବେ ଆବଶ୍ୟକ ତଥ୍ୟ ହାସଲ କରାଯିବା ସହ କଲ୍ ଡିଟେଲ୍ ରେକର୍ଡ, ସବସ୍କ୍ରାଇବର୍ ତଥ୍ୟ ଏବଂ ଅନ୍ୟାନ୍ୟ ବୈଷୟିକ ପ୍ରମାଣ ଯାଞ୍ଚ କରାଯାଇଥିଲା ।

# ପେଟିସ ଖାଇ ଛାତ୍ରଙ୍କ ଜୀବନ ଗଲା

ଜୟପୁର, ୧୪।୮: ସବୁ ଦିନ ଭଳି ସ୍କୁଲ ଯାଇଥିଲେ । ଖେଳ ଛୁଟି ବେଳେ ସ୍କୁଲର କ୍ୟାଣ୍ଟିନକୁ ଆସି ପେଟିସ ଖାଇଥିଲେ । କିନ୍ତୁ ପେଟିସ ଖାଇବା କ୍ଷଣି ହଠାତ ସବୁ କିଛି ବଦଳି ଯାଇଥିଲା । ଆଉ ସେହି ସ୍ଥାନରେ ହିଁ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ ୧୭ ବର୍ଷୀୟ ଛାତ୍ର ।ତାଙ୍କୁ ସିପିଆର ଦେବା ସହ ସ୍କୁଲ କର୍ତ୍ତୃପକ୍ଷ ହସ୍ପିଟାଲ ନେଇଥିଲେ । କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା । ହସ୍ପିଟାଲରେ ଡାକ୍ତରମାନେ ଛାତ୍ରଙ୍କୁ ମୃତ ଘୋଷଣା କରିଛନ୍ତି । ଘଟଣାଟି ରାଜସ୍ଥାନର ଜୟପୁରର ଗୋଟିଏ ସ୍କୁଲରେ ଘଟିଛି । ମୃତ ଛାତ୍ର ଜଣଙ୍କ ହେଲେ ପ୍ରିନ୍ସ ସୋନି । ସେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ । ବୁଧବାର ପ୍ରିନ୍ସି ସ୍କୁଲ ଯାଇଥିବା ବେଳେ କ୍ୟାଣ୍ଟିନରେ ପେଟିସ ଖାଇ ହଠାତ୍ ଅଚେତ ହୋଇ ପଡ଼ିବା ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି ।




# ଭୋକ ବିକଳରେ ଗାଁକୁ ଆସି ଜାଲରେ ଫସିଲେ ଦୁଇ ଛୁଆ ଭାଲୁ

କେନ୍ଦୁଝର, ୧୪/୮(ନିପ୍ର): କେନ୍ଦୁଝରରେ ଭୋକ ବିକଳରେ ଗାଁ କୁ ଆସି ଜାଲ ରେ ଫସିଲେ ଦୁଇ ଛୁଆ ଭାଲୁ । କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ଚକ ଓ ମଇଦାନକେଲ୍ ମଝି ଗ୍ରାମ୍ୟ ଜଙ୍ଗଲରେ ଏକ ବାରହା ଫାଶରେ ଦୁଇଟି ଛୁଆ ଭାଲୁ ପଡ଼ିଥିବା ଦେଖିବାକୁ ମିଳିଥିଲା । ବନ ବିଭାଗ ତୁରନ୍ତ ଖବର ପୋଲିସ ଘଟଣା ସ୍ଥଳରେ ପହଂଚି ଭାଲୁ ଦୁଇଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡି ଦେଇଛନ୍ତି । ବିକାଶ ନାଁ ରେ ଚାଲିଛି ଜଙ୍ଗଲର ବ୍ୟାପକ ବିନାଶ । ଫଳରେ ଭୋକ ବିକଳରେ ବନ୍ୟ ଜନ୍ତୁ ଏବେ ଗାଁ ମୁହାଁ । ବର୍ତ୍ତମାନ ଚାଷ କାର୍ଯ୍ୟ ପ୍ରଚୁର ପରିମାଣରେ ହେଉଥିବା ଯୋଗୁଁ ଜଙ୍ଗଲି ଜନ୍ତୁ ସବୁ ଗାଁ ମୁହାଁ ହେଇଚନ୍ତି । ବନ୍ୟ ଜନ୍ତୁ ରୁ ଫସଲକୁ ସୁରକ୍ଷା ଦେବା ପାଇଁ ଗାଁ ଲୋକେ ଏବେ ବନ୍ୟ ଜନ୍ତୁଙ୍କ ଚଲା ପଥରେ କୋଉଠି ଫାସ ପକାଇ ତ କେଉଁଠି ଖୋଳି ବାଡ ଦେଇ ଅଟକାଇବାକୁ ଚେଷ୍ଟା କରୁଛନ୍ତି । ବନ୍ୟ ଜନ୍ତୁ ମଧ୍ୟ କଳେବଳେ କୌଶଳରେ ଫସଲ ଖାଇ ନିଜ ଜିବନ ବଂଚାଇବାକୁ ଚେଷ୍ଟା କରୁଛନ୍ତି । ସେହି କ୍ରମରେ ଆଜି ଦୁଇଟି ଭାଲୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଥିବା ବେଳେ ବାରହା ଫାଶରେ ପଡ଼ି ଯାଇଥିଲେ । ବନ୍ୟିଭାଗ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଭାଲୁ ଦୁଇଟିଙ୍କୁ ଟ୍ରାଙ୍କୁ ଲାଇଯ୍ କରି ସୁରକ୍ଷିତ ଭାବେ ଉଦ୍ଧାର କରି ଜଙ୍ଗଲ ମଧ୍ୟରେ ଛାଡି ଦେଇଛନ୍ତି । ଗାଁ ଲୋକଙ୍କ କହିବା ଅନୁସାରେ ଏ ଅଂଚଳରେ ପାଂଚ ରୁ ଛଟି ଭାଲୁ ଚଳପ୍ରଚଳ କରନ୍ତି । ତା ସହ ବାରହା, କୁଟୁରା, ହାତୀ ଭଳି ବନ୍ୟଜନ୍ତୁଙ୍କ ଅବାଧ ପ୍ରବେଶ ରହିଛି ।

# ଓଏସଏସଟିଇଟି ପଞ୍ଜୀକରଣ ଅବଧି ୨୩ ଯାଏଁ ବୃଦ୍ଧି

ଭୁବନେଶ୍ୱର,୧୪/୮(ନିପ୍ର): ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ ( ଓଏସଏସଟିଇଟି) ପଞ୍ଜୀକରଣ ଅବଧି ବୃଦ୍ଧି କରିଛି ମାଧ୍ୟମିକ ଶିକ୍ଷା ପରିଷଦ । ପଞ୍ଜୀକରଣ ଅବଧିକୁ ଅଗଷ୍ଟ ୨୩ ତାରିଖ ମଧ୍ୟରାତ୍ରି ଯାଏ ବୃଦ୍ଧି କରାଯାଇଛି । ପୂର୍ବରୁ ୧୭ ତାରିଖ ଯାଏଁ ଥିଲା ପଞ୍ଜୀକରଣର ଅନ୍ତିମ ତାରିଖ ଥିଲା ।







Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ